

ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି,
ସେମାନେ ପୁରି ସେଇ ଭୁଲ୍ କରିବସନ୍ତି।
-ଜର୍ଜ ଶାନ୍ତାୟନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଧାରଣା, ଉତ୍କଳିକା ରାଜ୍ୟ କାର୍ଯ୍ୟାଳୟ, ଜୟଦେବ ବାଟିକା ଛକ, ପୂର୍ବାହ୍ନ ୧୧ଟା।
- ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେଶନ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ମିରର ଅନୁଷ୍ଠାନ ପକ୍ଷରୁ ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**
- କଟକ ମହାନଗର ୩୪ ନମ୍ବର ୱାର୍ଡ ବରିଷ୍ଠ ନାଗରିକ କମିଟି ପକ୍ଷରୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର, ମୋହନ ମଣ୍ଡପ, ଥୋରିଆ ସାହି, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**
- ଯୁଥ ରେଡକ୍ରସ ପକ୍ଷରୁ ପ୍ରାଥମିକ ଚିକିତ୍ସା ଉପରେ ତାଲିମ ଶିବିର, ଜବାହରଲାଲ ନେହେରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।

## ରେଳ ଡିଭିଜନର ଅପରେଶନ୍ ବ୍ଲାକ ସାର୍କ ଆରମ୍ଭ



ଜଟଣୀ,୧୨।୯(ଡି.ଏନ.ଏ.): ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ଅପରେଶନ୍ ବ୍ଲାକସାର୍କ ଆରମ୍ଭ ହୋଇଛି। ଏହି ଅପରେଶନ୍ ମାଧମରେ ଡିଭିଜନ ଅନ୍ତର୍ଗତ ବିଭିନ୍ନ ଷ୍ଟେଶନରେ ବିନା ଟିକେଟ୍ ଯାତ୍ରୀ ଧରପଗଡକୁ ଜୋରଦାର କରାଯାଇଛି। ଡିଭିଜନର ବରିଷ୍ଠ ଡିସିଏମ୍ ପ୍ରତାପ କିଶୋର ସାମଲଙ୍କ ନିର୍ଦ୍ଦେଶକ୍ରମେ ଏହା ଆରମ୍ଭ ହୋଇଛି। ଡିସିଏମ୍ ଡି.ପି. ଜେନାଙ୍କ ନେତୃତ୍ୱରେ କମର୍ସିଆଲ ବିଭାଗର ଅଫିସର, ଇନ୍ସପେକ୍ଟର, ଚେକିଂ ଷ୍ଟାଫ୍ ଓ ଆର୍‌ପିଏଫ୍ ଯବାନ ମିଳିତ ଭାବେ କଟକ, କାଠଯୋଡ଼ି ଓ କନ୍ଦରପୁର ଷ୍ଟେଶନରେ ଧରପଗଡ଼ କରିଥିଲେ। ୧୬୪ ଜଣ ବିନା ଟିକେଟ୍ ଯାତ୍ରୀଙ୍କଠାରୁ ୬୧, ୧୩୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଧରପଗଡ଼ ଜାରି ରହିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଡିଓଙ୍କ ବିରୋଧରେ ଦଣ୍ଡାଦେଶ ଖାରଜ

କଟକ ଅଫିସ, ୧୨।୯- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବିଡିଓ ଡ. ବଳରାମ ବାଗ୍‌ଙ୍କ ବିରୋଧରେ ଭିଜିଲାନ୍ସ ଅଦାଲତଙ୍କ ଦଣ୍ଡାଦେଶ ହାଇକୋର୍ଟରେ ଖାରଜ ହୋଇଛି। ଆବେଦନକାରୀ ବାଗ୍‌ଙ୍କ ପକ୍ଷରୁ ରୁଜୁ ହୋଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅଦାଲତ ବାଗ୍‌ଙ୍କୁ ଏହି ମାମଲାରୁ ମୁକ୍ତ କରିଛନ୍ତି । ୪ ଲକ୍ଷ ୭୨ ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ରାୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବାଗ୍ ଓ ତାଙ୍କ ସହଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରି ଦୁର୍ନୀତି ନିବାରଣ ଆଇନ ଆଧାରରେ ୩ ବର୍ଷ ଜେଲ୍‌ଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଥିଲେ। ଭିଜିଲାନ୍ସ କୋର୍ଟଙ୍କ ଏପରି ଦଣ୍ଡାଦେଶକୁ ବିରୋଧ କରି ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା।

# ଅଟକିଛି ଶିଖରଚଣ୍ଡୀର ବିକାଶ

- ନଷ୍ଟ ହେଉଛି ଜୈବ ବିବିଧତା
- ପର୍ଯ୍ୟଟକଙ୍କ ପାଇଁ ସ୍ୱପ୍ନ ପାଲଟିଛି ଟୁରିଷ୍ଟ ହବ୍, ରିକ୍ରିଏଶନ ସେଣ୍ଟର





**ସ୍ମିତା ପାଇକରାୟ**
ଭୁବନେଶ୍ୱର,୧୨।୯

ଭୁବନେଶ୍ୱରକୁ ଆସୁଥିବା ପର୍ଯ୍ୟଟକ ଓ ରାଜଧାନୀବାସୀଙ୍କ ପାଇଁ ଅନ୍ୟତମ ଆକର୍ଷଣ ପାଲଟିଥିବା ଶିଖରଚଣ୍ଡୀ ପାହାଡ଼ର ବିକାଶ ଲାଗି ୨୦୧୩ରେ ଯୋଜନା କରିଥିଲେ ରାଜ୍ୟ ସରକାର। ପର୍ଯ୍ୟଟନ ଓ ସାଧାରଣ ପ୍ରଶାସନ ବିଭାଗ ମିଳିତଭାବେ ଏହାକୁ ରାଜ୍ୟର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିଥିଲେ। ୮ କୋଟି ଟଙ୍କା ବ୍ୟୟରେ 'ଟେମ୍ପଲ୍ ସର୍କିଟ୍' ଭାବେ ଶିଖରଚଣ୍ଡୀର ଉନ୍ନତୀକରଣ ପାଇଁ ସ୍ଥିର ହୋଇଥିଲା। ଉଭୟ ବିଭାଗର ଏକ ଟିମ୍ ସେଠାକୁ ଏକାଧିକଥର ଗସ୍ତ କରିବା ସହ ପର୍ଯ୍ୟଟକଙ୍କ ଲାଗି କେଉଁଠି କେଉଁ ସୁବିଧା ହେବ ସେନେଇ ଆଲୋଚନା କରିଥିଲେ। ଇତିମଧ୍ୟରେ ୬ବର୍ଷ ବିତିଲାଣି। ଶିଖରଚଣ୍ଡୀର ବିକାଶ ଦୂରର କଥା ଦିନକୁ ଦିନ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହେବାରେ ଲାଗିଛି। ସନ୍ଧ୍ୟାହେଲେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଥିବାବେଳେ ଦିନ ଦ୍ୱିପ୍ରହରରେ ବି ପର୍ଯ୍ୟଟକ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କେବଳ ପର୍ଯ୍ୟଟନ ଋତୁ ଆସିଲେ ଏଠାରେ ଭୋଜିଭାତ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବାବେଳେ ଅନ୍ୟ ସମୟରେ ଫାଙ୍କା ପଡୁଛି। ଟୁରିଷ୍ଟ ଆକ୍ଟିଭିଟି ନ ଥିବାରୁ ଏହି ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକ ଆସୁନାହାନ୍ତି। ଅନ୍ୟପକ୍ଷରେ ଶିଖରଚଣ୍ଡୀରୁ ନନ୍ଦନକାନନର ଦୂରତା ମାତ୍ର ୮ କିମି ହୋଇଥିବାବେଳେ ଚନ୍ଦକା ଓ ଡମପଡ଼ା ପର୍ଯ୍ୟଟନସ୍ଥଳୀର ଦୂରତା ୧୨ରୁ ୧୪ କିମି ହେବ। ତଥାପି ସହରର ଏହି ପ୍ରମୁଖ ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ରାଜ୍ୟ ସରକାର କାହିଁକି ଆଗଭର ହେଉନାହାନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶିଖରଚଣ୍ଡୀକୁ ଲାଗି ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ସହ କିଟ୍ ବିଶ୍ୱବିଦ୍ୟାଳୟ, ଇନ୍‌ଫୋସିଟି ଆଦି ବହୁ ଶିକ୍ଷା ଓ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଚାରିପାଖରେ ଚନ୍ଦ୍ରଶେଖରପୁର, ପଟିଆ, ନନ୍ଦନକାନନ ପର୍ଯ୍ୟନ୍ତ ବଡ଼ ବଡ଼ ଜନବସତି ରହିଛି। ମନୋରଞ୍ଜନ ପାଇଁ ନା ଏକ ଭଲ ପାର୍କ ଅଛି ଅବା କୌଣସି ଚିତ୍ତବିନୋଦନ କେନ୍ଦ୍ର। ଏହାକୁ ଦୃଷ୍ଟିରେ ରଖି ଶିଖରଚଣ୍ଡୀ ପାହାଡ଼କୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବାକୁ ରାଜ୍ୟ ସରକାର ଯୋଜନା କରିଥିଲେ। ୨୦୧୩ରେ ହୋଇଥିବା ଯୋଜନା ଅନୁଯାୟୀ, ଶିଖରଚଣ୍ଡୀ ପାଦଦେଶରେ ଏକ ରିକ୍ରିଏଶନାଲ ହବ୍ ବା ଚିତ୍ତବିନୋଦନ କେନ୍ଦ୍ର ନିର୍ମାଣ ହୋଇଥାନ୍ତା। ପର୍ଯ୍ୟଟକଙ୍କ ଲାଗି ଏକ ପାର୍କ ନିର୍ମାଣ ସହ ଆଲୋକୀକରଣ ଏବଂ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାନ୍ତା। ଜୈବ ବିବିଧତା ଦୃଷ୍ଟିରୁ ଏହି ପାହାଡ଼ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ହୋଇଥିବାବେଳେ ଏହାକୁ ନଜରରେ ରଖି ଶିଖରଚଣ୍ଡୀର ବିକାଶ କରାଯାଇଥାନ୍ତା। ଅନ୍ୟପକ୍ଷରେ ସବୁଜ ବନାନୀ ସହ ଏହି ଅଞ୍ଚଳରେ ଥିବା ଶତାଧିକ ମୟୂର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଥାଏ। ମାତ୍ର ସହରୀକରଣ ପ୍ରଭାବ ଓ ପ୍ରଶାସନିକ ଅବହେଳା ଯୋଗୁ ଶିଖରଚଣ୍ଡୀର ସବୁଜ ବନାନୀ ନଷ୍ଟ ହେଉଥିବାବେଳେ ଗତ ୨ବର୍ଷ ହେଲା ମୟୂରଙ୍କୁ ଆଉ ଦେଖିବାକୁ ମିଳୁନି। ପାହାଡ଼ରେ ବହୁ ବିରଳ ବୃକ୍ଷରାଜି ରହିଥିଲେ ମଧ୍ୟ ଜଙ୍ଗଲ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏହା କ୍ଷୟ ହେବାରେ ଲାଗିଛି।

ଅନ୍ୟପକ୍ଷରେ ୨୦୧୮ରେ ବିଡିଏ ଏବଂ ପର୍ଯ୍ୟଟନ ବିଭାଗ ମଧ୍ୟରେ ଶିଖରଚଣ୍ଡୀର ବିକାଶ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାନସଭା ଷ୍ଟାଣ୍ଡିଂ କମିଟି ମଧ୍ୟ ପାହାଡ଼ର ବିକାଶ ଲାଗି ପ୍ରସ୍ତାବ ଦେଇଥିଲା। ହେଲେ ଏପର୍ଯ୍ୟନ୍ତ ଏହାର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର୍) ପ୍ରସ୍ତୁତ କରାଯାଇନାହିଁ। ଏନେଇ ଭୁବନେଶ୍ୱର ଟୁରିଷ୍ଟ ଅଫିସର ଅଜୟ କୁମାର ରାଉତ କହିଛନ୍ତି, ଏଥିପାଇଁ ଆମେ ଇଡ୍‌କୋକୁ ୧କୋଟି ଟଙ୍କା ଦେଇଛୁ। ଡିପିଆର୍ ମିଳିବା ପରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

### ସୁଧୁରିନି ଫନୀ ପରର ସ୍ଥିତି

ବାତ୍ୟା ଫନୀରେ ଶିଖରଚଣ୍ଡୀ ପାହାଡ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲା। ବହୁ ଗଛ ଭାଙ୍ଗି ଯାଇଥିବାବେଳେ ବିଦ୍ୟୁତ ଖୁଣ୍ଟଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ଏହାମଧ୍ୟରେ ୪ମାସ ବିତିଯାଇଥିଲେ ମଧ୍ୟ ଗଛଗୁଡିକ ଏବେ ବି ସେମିତି ରାସ୍ତା ଉପରେ ପଡ଼ିଥିବାବେଳେ ବିଦ୍ୟୁତ ଖୁଣ୍ଟଗୁଡ଼ିକ କେଉଁଠି ଉପୁଡ଼ି ପଡ଼ିଛି ତ କେଉଁଠି ନଇଁବା ଅବସ୍ଥାରେ ରହିଛି। ପାହାଡ଼ ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହେଉଥିବାବେଳେ ପାହାଚରେ ଲାଗିଥିବା ବ୍ୟାରିକେଡ୍ ଭାଙ୍ଗିଯାଇଛି। ପାହାଡ଼ ଉପରକୁ ଯାଇଥିବା ରାସ୍ତାରେ ଖାଲଖମା ଯୋଗୁ ପର୍ଯ୍ୟଟକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅସାମାଜିକଙ୍କ ଦ୍ୱାରା ମଧ୍ୟ ଅସଦାଚରଣର ଶିକାର ହେଉଛନ୍ତି। ପାହାଡ଼ ଉପରକୁ ଯାତାୟାତ ନିୟନ୍ତ୍ରଣ ପାଇଁ ରହିଥିବା ଗେଟ୍ ଅଚଳ ହୋଇପଡ଼ିଛି।

# ଦିଲୀପଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ବରିଷ୍ଠ ଖବରଦାତା ଦିଲୀପ ଶତପଥୀ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। କେବଳ ଖବରଦାତା ନୁହନ୍ତି, ଗଣମାଧ୍ୟମ ଅଧ୍ୟାପକ ଭାବେ ମଧ୍ୟ ସେ ସୁନାମ ଅର୍ଜନ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ସ୍ୱର୍ଗତ ଦିଲୀପଙ୍କ ବିୟୋଗରେ ସ୍ଥାନୀୟ ଉତ୍କଳ ଅଡିଟୋରିୟମରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଗ ନେଇ ବକ୍ତାମାନେ ଉପରୋକ୍ତ କଥା କହିଥିଲେ। ଏହି ସଭାରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦେଖିବାକୁ ମିଳିଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ ଯେ ଦିଲୀପ ଅର୍ଥନୀତି ଓ ରାଜନୀତି ବିଶାରଦ ଥିଲେ। ସେ ଦୁରାରୋଗ୍ୟ କ୍ୟାନସରରେ ପୀଡିତ ଥିବା ଜାଣି ନ ଥିବା ସୂର୍ଯ୍ୟ କହିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା କହିଥିଲେ ଯେ ଦିଲୀପଙ୍କ ବିୟୋଗରେ ରାଜ୍ୟ ଗଣମାଧ୍ୟମ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସେହିପରି ଗ୍ରାମ ଉନ୍ନୟନ ପ୍ରମୁଖ ସଚିବ ପ୍ରଦୀପ ଜେନା କହିଥିଲେ ଯେ ଦିଲୀପଙ୍କ ସହ ତାଙ୍କର ପାରିବାରିକ ସମ୍ପର୍କ ଗଢିଉଠିଥିଲା। ଅନେକ ସମୟରେ ଉଭୟ ଏକାଠି ବସି ଅନେକ କଥା ଆଲୋଚନା କରୁଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ଆଇପିଏସ୍ ଅରୁଣ ବୋଥ୍ରା, ନାରାୟଣ ରେଡ୍ଡୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ଏବଂ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ।



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

- ବ୍ୟାନ୍ ସତ୍ତ୍ୱେ ଗୁଟ୍‌ଖା ଖୁଲମଖୁଲା ବିକ୍ରି

# ଯାଞ୍ଚ ରିପୋର୍ଟ ଦେବେ ଅତିରିକ୍ତ ଡିଜି

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ରାଜ୍ୟରେ ଗୁଟ୍‌ଖା ବ୍ୟାନ୍ ସତ୍ତ୍ୱେ ଖୁଲମ୍‌ଖୁଲା ବିଭିନ୍ନ ସ୍ଥାନରେ ବିକ୍ରି ଚାଲିଛି। ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ବିଭାଗ ଆଇନ୍ ମୁତାବକ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ଗୁଟ୍‌ଖାର ପ୍ରସ୍ତୁତି, ମହଜୁଦ ଓ ବ୍ୟବସାୟ କରିବା ସମ୍ପୂର୍ଣ୍ଣ ବେଆଇନ। ଏହା ସତ୍ତ୍ୱେ ଆଇନ୍‌କୁ ଆଖିଠାର ମାରି ବେଧଡ଼କ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ରି କରାଯାଉଛି ଗୁଟ୍‌ଖା। ଏଥିସହ ରାଜଧାନୀର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ହୁକ୍କା ବାର୍ ଚାଲୁଥିବାବେଳେ ଭାରିମାତ୍ରାରେ ନିକୋଟିନ୍‌ର ବ୍ୟବହାର କରାଯାଉଛି। ଯାହାର ମାତ୍ରାଧିକ କୁପ୍ରଭାବ ଯୁବପିଢ଼ିଙ୍କ ଉପରେ ପଡୁଛି। ଅନ୍ୟପଟେ ଗୁଟ୍‌ଖା ବିକ୍ରି ଉପରେ ଲାଗିଥିବା ପ୍ରତିବନ୍ଧକ କେବଳ ସରକାରୀ କାଗଜପତ୍ରରେ ସୀମିତ ରହିଛି। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଏବଂ ପ୍ରଶାସନିକ ଉଦାସୀନତା କାରଣରୁ ଖୋଲାଖୋଲି ଗୁଟ୍‌ଖା ବିକ୍ରି ହେଉଛି। ଏ ନେଇ ଓଡ଼ିଶା ଅଭିଭାବକ ସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ରାଜ୍ୟ ମାନବାଧିକାର କମିଶନରେ ଅଭିଯୋଗ କରିଛନ୍ତି। ଏଥିସହ ୨୦୦୩ କୋଟପା ଆକ୍ଟର ସେକ୍ସନ-୬ର ଖୋଲା ଖୋଲି ଉଲ୍ଲଂଘନ କରାଯାଉଛି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭଟ୍ଟ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଓଏଚ୍‌ଆରସି ଅଧ୍ୟକ୍ଷ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରି ଏକ ମାସ ମଧ୍ୟରେ ରିପୋର୍ଟ ଦେବାକୁ ଅତିରିକ୍ତ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉ କି, ୨୦୧୨ ଅଗଷ୍ଟ ୧୭ରେ ରାଜ୍ୟ ସରକାର ଗୁଟ୍‌ଖା ଓ ପାନମସଲା ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ। ସେହି ସମୟରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ଦାମୋଦର ରାଉତ ଗୁଟ୍‌ଖା ଉପରେ ପ୍ରତିବନ୍ଧକ ଲଗାଇବାକୁ ଘୋଷଣା କରିଥିଲେ। ଗ୍ଲୋବାଲ ଆଡଲ୍ଟ ଟବାକୋର ସର୍ଭେ ଅନୁଯାୟୀ ରାଜ୍ୟର ୪୩% ଲୋକେ ଗୁଟ୍‌ଖା ବ୍ୟବହାର କରନ୍ତି। ଫଳରେ ରାଜ୍ୟରେ ଅଧିକ ମାତ୍ରାରେ କ୍ୟାନସର ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ପ୍ରତ୍ୟେକ ବର୍ଷ ୧୦ହଜାରରୁ ଅଧିକ ନୂତନ ମୁଖ କ୍ୟାନସର ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି।

# କମ୍ ବହି ଆଣିବାକୁ ଆଗୁଆ ସତର୍କ କଲେ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଚଳିତ ଶିକ୍ଷାବର୍ଷରୁ ସ୍କୁଲ ବ୍ୟାଗ୍ ଓଜନ ନିୟମକୁ କଡ଼ାକଡ଼ି କରାଯାଇଛି। ଖୋର୍ଦ୍ଧା ଜିଲାପାଳଙ୍କ ଦ୍ୱାରା ଗଠନ କରାଯାଇଥିବା ସ୍କ୍ୱାଡ୍ ଦୁଇଦିନ ହେଲା ରାଜଧାନୀର ବିଭିନ୍ନ ସ୍କୁଲକୁ ଅଚାନକ ଗସ୍ତ କରି ସ୍କୁଲ ବ୍ୟାଗ୍ ଯାଞ୍ଚ କରୁଛି। ବୁଧବାର ବିଭିନ୍ନ ସ୍କୁଲରେ ଅଚାନକ ପହଞ୍ଚି ସ୍କ୍ୱାଡ୍ ପିଲାଙ୍କ ବ୍ୟାଗ୍ ଯାଞ୍ଚ କରିଥିବା ଖବର ଚାରିଆଡ଼େ ବ୍ୟାପିଯିବା ପରେ ଗୁରୁବାର ଅନେକ ସ୍କୁଲ ପିଲାଙ୍କୁ ଅଳ୍ପ ବହି ନେଇ ଆସିବା ପାଇଁ କହିଥିଲେ। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ କମ୍ ବହି ଖାତା ସହ ପିଲାଙ୍କୁ ସ୍କୁଲ ପଠାଇବାକୁ ଅଭିଭାବକଙ୍କ ଫୋନ୍‌ରେ ସ୍କୁଲ ପକ୍ଷରୁ ମେସେଜ୍ ପଠାଯାଇଥିଲା। ହଠାତ୍ ସ୍କୁଲ ପକ୍ଷରୁ ଏଭଳି ମେସେଜ୍ କାହିଁକି ଆସିଥିଲା ଅନେକ ଅଭିଭାବକ ଜାଣିପାରି ନ ଥିଲେ। କର୍ତ୍ତୃପକ୍ଷ ଏହାକୁ ସବୁଦିନ ପାଇଁ ପାଳନ କରିବେ ନା ଯେତିକି ଦିନ ପର୍ଯ୍ୟନ୍ତ ଯାଞ୍ଚ୍ କରାଯିବ ସେତିକି ଦିନ ପାଇଁ ମାନିବେ, ତାହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି। ଏ ନେଇ ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି ଯେ, ବର୍ତ୍ତମାନ ବ୍ୟାଗ୍ ଯାଞ୍ଚ୍ କରାଯାଉଛି ବୋଲି ସବୁ ସ୍କୁଲ କର୍ତ୍ତୃପକ୍ଷ ଜାଣିଛନ୍ତି। ତେଣୁ ସେମାନେ ଆଗୁଆ ସତର୍କ ହୋଇ କମ୍ ବହି ଆଣିବା ପାଇଁ କହିଥିଲେ। ତେବେ ଏହା ଆଗରୁ କାହିଁକି କରୁ ନ ଥିଲେ। ଯାଞ୍ଚ୍ ସମୟରେ ଏଭଳି ପଦକ୍ଷେପ ନେବା ଆଦୌ ଠିକ୍ ନୁହେଁ। ଯଦି ପରବର୍ତ୍ତୀ ସମୟରେ ପିଲାମାନେ ପୂର୍ବ ଭଳି ଅଧିକ ବହି ଆଣୁଥିବା ପରିଲକ୍ଷିତ ହୁଏ ତେବେ ଏହା ବିରୋଧରେ ଆମେ ବିଭାଗର ହସ୍ତକ୍ଷେପ ଲୋଡ଼ିବୁ। ସେହି ବିଦ୍ୟାଳୟଗୁଡ଼ିକର କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବୁ। ସେପଟେ ସ୍କ୍ୱାଡ୍ ଗୁରୁବାର ବିଭିନ୍ନ ସ୍କୁଲ ପରିଦର୍ଶନ କରିବା ସମୟରେ ନିୟମ ଖିଲାପ କରାଯାଇଥିବା ପରିଲକ୍ଷିତ ହୋଇଥିଲା। ଡିପିସି ଅମିତା ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ବିଭିନ୍ନ ସ୍କୁଲ ପରିଦର୍ଶନ କରିଥିଲେ। ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ, ମଦର୍ସ ପବ୍ଲିକ ସ୍କୁଲ ଓ କେଦାରଗୌରୀ ସ୍ଥିତ ଜାଭିୟର ସ୍କୁଲରେ ଏନ୍‌ସିଇଆର୍‌ଟି ପ୍ରକାଶିତ ପୁସ୍ତକ ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ପ୍ରକାଶିତ ପୁସ୍ତକ ବ୍ୟବହାର କରୁଥିବା ସ୍କ୍ୱାଡ୍ ଦେଖିବାକୁ ପାଇଛି। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହାକୁ ଗୁରୁତର ସହ ନେଇ ତୁରନ୍ତ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ଅଭିଭାବକ ମହାସଂଘ ପକ୍ଷରୁ ଦାବି କରାଯାଇଛି।

**ସ୍କୁଲରେ ବ୍ୟାଗ୍ ଓଜନ ଯାଞ୍ଚ**



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ମୌସୁମୀ



ବିଜୟ



ଭାସ୍କର



ପ୍ରଜ୍ଞା



ନାଗ୍



ଗୋପାଳକୃଷ୍ଣ



ସିପୁନ୍



ଲିପିଶ୍ରୀ



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
- ଜନ୍ ଡ୍ରାଇଡେନ୍



**ସଂକ୍ଷେପରେ**

## ଶ୍ୱଶୁରଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ, ଜ୍ୱାଇଁ ଗିରଫ

ବାଲିଅନ୍ତା,୧୨।୯(ଡି.ଏନ.ଏ): ସ୍ତ୍ରୀଙ୍କୁ ଛାଡିବାକୁ ରାଜି ନ ହେବାରୁ ଶ୍ୱଶୁରଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜ୍ୱାଇଁଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଅଧୀନ ବାଗଲପୁରର ପ୍ରସନ୍ନଜିତ ପ୍ରଧାନ(୨୩)। ପାହାଳ ଫାଣ୍ଡି ଅଧିକାରୀ ଓମ ପ୍ରକାଶ ମହାନ୍ତିଙ୍କ ସୂଚନା ଅନୁଯାୟୀ, ପ୍ରସନ୍ନଜିତ ଗତ ୬ମାସ ତଳେ ବାଲିଅନ୍ତା ଥାନା ଅଧୀନ ଜୟରଶାସନ ଗାଁର କାହ୍ନୁଚରଣ ଦାସଙ୍କ ଝିଅ କବିତାଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ପ୍ରସନ୍ନଜିତ ସ୍ତ୍ରୀଙ୍କୁ ମାଡ ମାରିବା ସହ ନିର୍ଯାତନା ଦେଉଥିଲେ। ଏ ନେଇ କବିତା ବାପଘରକୁ ଜଣାଇବା ପରେ ବାପା କାହ୍ନୁଚରଣ ସପ୍ତାହ ତଳେ ଝିଅଙ୍କୁ ନିଜଘରକୁ ନେଇ ଆସିଥିଲେ। ଗତ ସୋମବାର ସନ୍ଧ୍ୟାରେ ପ୍ରସନ୍ନଜିତ ସ୍ତ୍ରୀଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଶ୍ୱଶୁର ଘରକୁ ଯାଇଥିଲେ। କିନ୍ତୁ ଶ୍ୱଶୁର ତାଙ୍କ ସହିତ ଝିଅକୁ ଛାଡ଼ିବାକୁ ରାଜି ହୋଇ ନ ଥିଲେ। ଏଥିରେ ପ୍ରସନ୍ନଜିତ ଉତ୍କ୍ଷିପ୍ତ ହୋଇ ଆଣିଥିବା ଏକ ବନ୍ଧୁକ ଦେଖାଇ କବିତାଙ୍କୁ ନ ଛାଡିଲେ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ସ୍ଥାନୀୟ ଲୋକେ ଜାଣିବା ପରେ ଜ୍ୱାଇଁଙ୍କୁ ଗାଁ ଦାଣ୍ଡରେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପରେ ପାହାଳ ଫାଣ୍ଡି ପୋଲିସ ପହଞ୍ଚି ପ୍ରସନ୍ନଜିତଙ୍କୁ ଫାଣ୍ଡିକୁ ଆଣିବା ସହ ବାଲିଅନ୍ତା ପୋଲିସକୁ ଜଣାଇଥିଲା। ଏ ନେଇ ଶ୍ୱଶୁର ଥାନାରେ ଅଭିଯୋଗ କରିବା ପରେ ମାମଲା ୨୨୪/୧୯ନଂ. ଦଫା ୩୪୧, ୨୯୪, ୫୦୬ ଓ ୨୫/୨୭ ଆର୍ମ ଆକ୍ଟରେ ରୁଜୁ ହୋଇଥିଲା। ପୋଲିସ ପ୍ରସନ୍ନଜିତଙ୍କ ଠାରୁ ଏକ ବନ୍ଧୁକ, ୩ ରାଉଣ୍ଡ ଗୁଳି ଓ ୨ଟି ମାଗାଜିନ ଜବତ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଟ୍ରାଫିକ ପରିଚାଳନା ଢାଞ୍ଚା ବଦଳିବ




- ଘରୋଇ ବସ୍ ରହଣି ନେଇ ଆଲୋଚନା
- ପୁରୁଣା ସିଗ୍ନାଲ ସରଞ୍ଜାମ ହଟିବ

ଭୁବନେଶ୍ୱର, ୧୨।୯ (ବ୍ୟୁରୋ)

ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏଥିସହ ବଢ଼ିଚାଲିଛି ଦୁର୍ଘଟଣା। ଏନେଇ ଗୁରୁବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଟ୍ରାଫିକ ଡିସିପି ସାଗରିକା ନାଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଅତିରିକ୍ତ ଟ୍ରାଫିକ ଡିସିପି, ଟ୍ରାଫିକ ଏସିପିଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ରହି ଟ୍ରାଫିକ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଶେଷକରି ଭୁବନେଶ୍ୱରର ବରମୁଣ୍ଡାରୁ ହଂସପାଳ ପର୍ଯ୍ୟନ୍ତ ଘରୋଇ ବସ୍‌ଗୁଡିକୁ ନ ରଖିବା ପାଇଁ ବ୍ୟବସ୍ଥା କରାଯିବା ଉପରେ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ସେହିଭଳି ରାଜଧାନୀର ଟ୍ରାଫିକ ସିଗ୍ନାଲଜନିତ ସମସ୍ୟା ନେଇ ମଧ୍ୟ ଆଲୋଚନା କରାଯିବା ସହ ଢାଞ୍ଚା ବଦଳାଇବାକୁ ନିଷ୍ପତ୍ତି ହୋଇଥିଲା। ପୁରୁଣା ସରଞ୍ଜାମ ବଦଳାଯାଇ ଟ୍ରାଫିକ୍ ବ୍ୟବସ୍ଥାକୁ ଆଧୁନିକୀକରଣ କରାଯିବ। ସିଗ୍ନାଲ ସହ କ୍ୟାମେରା ଓ ବିଭିନ୍ନ ସାମଗ୍ରୀ କିଣିବା ଲାଗି ଯୋଜନା ଚାଲିଥିବା ସୂଚନା ଦିଆଯାଇଥିଲା। ତେବେ ଆଧୁନିକୀକରଣ ପାଇଁ ସରଞ୍ଜାମ ଯୋଗାଇବାକୁ ଏକ ଘରୋଇ କମ୍ପାନୀ କମିଶନରେଟ ପୋଲିସ ମୁଖ୍ୟାଳୟରେ ଟ୍ରାଫିକ ଡିସିପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ କଥାହେବା ସହ ଡେମୋ ମଧ୍ୟ ଦେଖାଇଥଲା। ତେବେ କେଉଁ ପ୍ରକାର ସାମଗ୍ରୀ କିଣାଯିବ ସେନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଜଣାପଡିଛି।

## ମଲ୍ ସମ୍ମୁଖରେ ମୁତୟନ ରହିବେ ଏସ୍‌ପିଓ

- ମଲ୍ କର୍ମଚାରୀଙ୍କ ମଧ୍ୟରୁ ଚୟନ ହେବେ
- ପୋଲିସ ଦେବ ସ୍ୱତନ୍ତ୍ର ଟ୍ରେନିଂ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ରାଜଧାନୀର ଏକାଧିକ ମଲ୍ ଆଗରେ ବିଭିନ୍ନ ସମୟରେ ଭିଡ଼ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟା ସମାଧାନ ପାଇଁ କେତେକ ମଲ୍ ହାତଗଣତି କର୍ମଚାରୀ ନିୟୋଜିତ କରୁଛନ୍ତି। ହେଲେ ସେମାନଙ୍କର ଆବଶ୍ୟକ ଜ୍ଞାନ ନ ଥିବାରୁ ସେମାନେ ଠିକ୍ ଭାବେ ଟ୍ରାଫିକ ପରିଚାଳନା କରିପାରୁନାହାନ୍ତି। ଆଗକୁ ଦୁର୍ଗାପୂଜା ସହ ବିଭିନ୍ନ ପୂଜାପର୍ବ ରହିଛି। ଏହି ସମୟରେ ସହରରେ ଜାମ୍ ସ୍ଥିତି ଜଟିଳ ହେବାର ସମ୍ଭାବନା ରହିଛି। ତେଣୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ କମିଶନରେଟ ପୋଲିସ ବଡ଼ ବଡ଼ ମଲ୍ ସମ୍ମୁଖରେ ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ) ମୁତୟନ ପାଇଁ ନିଷ୍ପତ୍ତି ନେଇଛି। ମଲ୍ କର୍ମଚାରୀଙ୍କ ମଧ୍ୟରୁ ଏସ୍‌ପିଓ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହାପରେ ସେମାନେ କମିଶନରେଟ ପୋଲିସ ଲୋଗୋ ଥିବା ପୋଷାକ ପିନ୍ଧି ମଲ୍ ସମ୍ମୁଖରେ ଟ୍ରାଫିକ ନିୟନ୍ତ୍ରଣରେ ନିୟୋଜିତ ରହିବେ। ସେମାନଙ୍କୁ ମଲ୍ ଦରମା ଦେବ ବୋଲି ଟ୍ରାଫିକ ଏସିପି ଡ. କେ.କେ. ପାଣିଗ୍ରାହୀ କହିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଡ. ପାଣିଗ୍ରାହୀ କହିଛନ୍ତି, ଗୁରୁବାର ସମସ୍ତ ମଲ୍ ମାଲିକମାନଙ୍କୁ ଡକାଇ ଟ୍ରାଫିକ ସମସ୍ୟା ନେଇ ଆଲୋଚନା କରାଯାଇଛି। ଏସ୍‌ପିଓ ନିଯୁକ୍ତି ପାଇଁ ନାମ ପଠାଇବାକୁ ମଲ୍ ମାଲିକମାନଙ୍କୁ କୁହାଯାଇଛି। ନୋ ପାର୍କିଂ ଜୋନ୍ ସ୍ଥାନରେ ସୂଚନା ଫଳକ ଲଗାଯିବା ସହ କେଉଁ ସ୍ଥାନରେ ଗାଡ଼ି ପାର୍କିଂ କରାଯିବ, କେଉଁବାଟ ଦେଇ ଯିବେ ଓ ଆସିବେ ସେ ସଂକ୍ରାନ୍ତରେ ଏକ ନକ୍ସା ପ୍ରସ୍ତୁତ ହୋଇଛି। ମଲ୍ ଆଗରେ ବେଆଇନ ପାର୍କିଂ ହେଲେ ଗାଡ଼ି ଓ ମଲ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ରାଜଧାନୀର ୧୦ରୁ ଊର୍ଦ୍ଧ୍ୱ ମଲ୍ ସମ୍ମୁଖରେ ଏଭଳି ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ଏସ୍‌ପିଓ ପାଇଁ ମଲ୍ ପକ୍ଷରୁ କର୍ମଚାରୀଙ୍କ ନାମ ଆସିବା ପରେ ସେମାନଙ୍କ ଅପରାଧ ରେକର୍ଡ ଯାଞ୍ଚ ପରେ ଚୟନ କରାଯାଇ ରଖାଯିବ ବୋଲି ସେ କହିଛନ୍ତି।

## ଡିସେମ୍ବରରେ ଭୁବନେଶ୍ୱରରେ ହେବ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତା



ବୈଠକରେ ଉପସ୍ଥିତ ଡିଜିପି ବି.କେ. ଶର୍ମା ଓ ଅନ୍ୟ ଅଧିକାରୀ।

- ଭାଗନେବେ ୩୦ ଦଳର ୬ଶହରୁ ଊର୍ଦ୍ଧ୍ୱ ଖେଳାଳି
- ସଫଳ କରିବାକୁ ଡିଜିପିଙ୍କ ଅଧ୍ୟକ୍ଷତାରେ ବୈଠକ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

୬୮ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତା ଆସନ୍ତା ଡିସେମ୍ବରରେ ଭୁବନେଶ୍ୱରଠାରେ ଆୟୋଜିତ ହେବ। ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଓଡିଶାର ସୁନାମ ରହିଥିବା ଓ ଭୁବନେଶ୍ୱରଠାରେ ହକି ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ସର୍ବଭାରତୀୟ ପୋଲିସ କ୍ରୀଡା ନିୟନ୍ତ୍ରଣ ବୋର୍ଡ ଓଡିଶା ପୋଲିସକୁ ଏହି ପ୍ରତିଯୋଗିତା ଆୟୋଜନ ଦାୟିତ୍ୱ ଦେଇଛି। ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ପୋଲିସ ଡିଜି ବିଜୟ କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଡିଜିପି କ୍ୟାମ୍ପ ଅଫିସରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସର ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବା ସହ ଡିସେମ୍ବର ପ୍ରଥମ ସପ୍ତାହରେ କଳିଙ୍ଗ ଷ୍ଟାଡିୟମଠାରେ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ସହ ବିଧିବଦ୍ଧ ଆଲୋଚନା କରାଯାଇ କାର୍ଯ୍ୟସୂଚୀ ଚୂଡାନ୍ତ କରାଯିବ। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳରୁ ୩୦ଦଳର ୬ଶହ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତା ଆୟୋଜନ ପାଇଁ ୫୦ରୁ ଊର୍ଦ୍ଧ୍ୱ କ୍ରୀଡା ପ୍ରଶାସକ ଦାୟିତ୍ୱରେ ରହିବେ। ସମସ୍ତ ଖେଳାଳି, କୋଚ୍ ଓ କ୍ରୀଡା ଅଧିକାରୀଙ୍କ ରହଣି ପାଇଁ ଉଚିତ ବ୍ୟବସ୍ଥା ଗ୍ରହଣ କରାଯିବ। ସୁପରିଚାଳନା ପାଇଁ ରାଜ୍ୟ ପୋଲିସ ଡିଜିଙ୍କ ପରାମର୍ଶକ୍ରମେ ବିଭିନ୍ନ କମିଟି ଓ ଉପ-କମିଟି ଗଠନ କରାଯାଇ ସମସ୍ତ କାର୍ଯ୍ୟ ଠିକ୍‌ଭାବେ ସମ୍ପାଦନ କରାଯିବ। କମିଟି ଅଧ୍ୟକ୍ଷ ଭାବେ ଡିଜିପି ବି.କେ. ଶର୍ମା କାର୍ଯ୍ୟ କରିବେ। ଅତିରିକ୍ତ ଡିଜିପି ବିନୟତୋଷ ମିଶ୍ର ପରିଚାଳନା କମିଟି ଉପାଧ୍ୟକ୍ଷ ଓ ଆଇଜି ଅମିତାଭ ଠାକୁର ସମ୍ପାଦକ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ଦିଆଯାଇଛି। ବୈଠକରେ ଡିଜିପି ଶର୍ମା, ଅତିରିକ୍ତ ଡିଜିପି ମିଶ୍ର, ଆର୍.ପି କୋଚେ, ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଆଇଜି ରେଖା ଲୋହାନୀ, ଅମିତାଭ ଠାକୁର, ଡିସିପି ଅନୁପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଳାପଥର-ଧଳାପଥର ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ।

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କଳାପଥର-ଧଳାପଥର ଡିଗ୍ରୀ ମହାବିଦ୍ୟାଳୟ ଅଚାନକ ଗସ୍ତ

## ଅନୁପସ୍ଥିତ ଥିଲେ ଅଧ୍ୟକ୍ଷ, କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଗୁରୁବାର ଅପରାହ୍ଣ ୧ଟା ୪୦ ମିନିଟ୍‌ରେ କଟକ ଜିଲା ଅନ୍ତର୍ଗତ କଳାପଥର-ଧଳାପଥର ଡିଗ୍ରୀ ମହାବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଛନ୍ତି। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ କଲେଜର ଅଧ୍ୟକ୍ଷ ଅନୁପସ୍ଥିତ ଥିଲେ। ଅଧ୍ୟକ୍ଷ ମଧ୍ୟାହ୍ନଭୋଜନରେ ବାହାରକୁ ଯାଇଥିବା ମନ୍ତ୍ରୀ ପଚାରି ବୁଝିଥିଲେ। ତେବେ ମଧ୍ୟାହ୍ନଭୋଜନ ସମୟ ଅପରାହ୍ଣ ୧ରୁ ୧ଟା ୩୦ ମିନିଟ୍ ଧାର୍ଯ୍ୟ କରାଯାଇଥିବାବେଳେ ଅଧ୍ୟକ୍ଷ ୧ଟା ୫୦ ମିନିଟ୍ ସମୟରେ କଲେଜ୍‌ରେ ପହଞ୍ଚିଥିଲେ। ରୁଟିନ୍ ଅନୁଯାୟୀ ସେହି ସମୟରେ ତିନୋଟି କ୍ଲାସ୍ ହେବାକୁ ଥିବାବେଳେ କୌଣସି କ୍ଲାସ ହେଉ ନ ଥିବା ମନ୍ତ୍ରୀ ଦେଖିବାକୁ ପାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ମହାବିଦ୍ୟାଳୟର ଉପସ୍ଥାନ ମଧ୍ୟ ଯାଞ୍ଚ୍ କରିଥିଲେ। ଏହି ସମୟରେ ଦୁଇଜଣ ଅଧ୍ୟାପକ କିଶୋର ସାହୁ ଏବଂ ଆର୍. ସି. ଜେନା ଉପସ୍ଥିତ ଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ମୁତାବକ ଏ ପର୍ଯ୍ୟନ୍ତ ମହାବିଦ୍ୟାଳୟର ପ୍ରୋକ୍ଟରିଆଲ୍ କ୍ଲାସ୍‌ର ପ୍ରଚଳନ କରାଯାଇ ନ ଥିବା ପରିପ୍ରେକ୍ଷୀରେ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ପ୍ରୋକ୍ଟରିଆଲ୍ କ୍ଲାସ୍ ଚାଲୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ମନ୍ତ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କର ପାଠପଢ଼ା ଓ ମହାବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

**କଟକ ନୂଆବଜାର ପୂଜା କମିଟି**

## ଅପରାଜିତା ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ



ପୂଜା ନିମନ୍ତେ ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଗତବର୍ଷଗୁଡ଼ିକ ଭଳି ଚଳିତବର୍ଷ ମଧ୍ୟ ଶାନ୍ତିଶୃଙ୍ଖଳାରେ ପୂଜା ହେବ। ସମସ୍ତ ବାସିନ୍ଦା ଏଥିରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।
**-ମନୋଜ କୁମାର ସୁବୁଦ୍ଧି, ପୂଜା କମିଟି ସଭାପତି**



ଆମ କମିଟି ଶାନ୍ତି ଶୃଙ୍ଖଳାକୁ ଧ୍ୟାନ ଦେଇଥାଏ। ଲୋକମାନଙ୍କୁ କିଭଳି ଭାବେ ସମସ୍ତ ସୁବିଧାସୁଯୋଗ ପ୍ରଦାନ କରାଯାଇପାରିବ ତାହା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଭସାଣିକୁ ନିଶାମୁକ୍ତ କରାଯିବା ସହିତ ଟ୍ରାଫିକ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯିବ।
**-ଉମେଶ ଚନ୍ଦ୍ର ସାହୁ, ପୂଜା କମିଟି ସମ୍ପାଦକ**

କଟକ ଅଫିସ,୧୨।୯

ଶାରଦୀୟ ପୂଜା ପାଇଁ କଟକର ପୂଜା ମଣ୍ଡପଗୁଡିକ ଚଳଚଞ୍ଚଳ ହୋଇଛି। ମା'ଙ୍କ ଆବାହନ ଲାଗି ବିଭିନ୍ନ ପୁରାତନ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ନିଜକୁ ସାମିଲ କରିଛି ନୂଆବଜାରର ପୂଜା କମିଟି। ୧୯୫୭ରେ ଏହି ଅଞ୍ଚଳର ବ୍ୟବସାୟୀମାନେ ପ୍ରଥମେ ପୂଜା ଆରମ୍ଭ କରିଥିଲେ। ନୂଆବଜାର ବ୍ୟବସାୟିକ ସଂଘ ନାମରେ ଥିବା ଏକ କମିଟି ଉକ୍ତ ବର୍ଷ ହରପାର୍ବତୀ ମୂର୍ତ୍ତି କରି ପୂଜା କରିଥିଲା। ପରେ ସାହିର ମୂଳବାସିନ୍ଦା ପୂଜାରେ ସାମିଲ ହୋଇଥିଲେ। ଏବେ ସମଗ୍ର ନୂଆବଜାର ଅଞ୍ଚଳବାସୀ ଓ ପ୍ରାୟ ୫୦୦ ଦୋକାନୀ ଏହି ପୂଜାର ଆୟୋଜନ କରୁଛନ୍ତି। ଉତ୍କଳୀୟ ରୀତିନୀତିରେ ଏଠାରେ ପୂଜାର୍ଚ୍ଚନା ହେଉଥିବାବେଳେ ଚଳିତବର୍ଷ ଅଧିକ ଆଲୋକ ଗେଟ୍ ନିର୍ମାଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିସହ ମହିଳାମାନଙ୍କ ପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ୩ଟି ବିଶାଳ ଲାଇଟ ଗେଟ୍ ଲଗାଯିବାକୁ ଥିବାବେଳେ ପୂଜା ପାଇଁ ୬ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

### ଦଶମୀରେ ହୁଏ ଅପରାଜିତା ପୂଜା

ଅନ୍ୟ ପୂଜାମଣ୍ଡପ ଭଳି ଏଠାରେ ମଧ୍ୟ ଏକ ବିଶେଷତା ରହିଛି। ଦଶମୀ ତିଥିରେ ଏଠାରେ ହୁଏ ଅପରାଜିତା ପୂଜା। ଏହିଦିନ ଅଧିକ ମାତ୍ରାରେ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି ଓ ମାନସିକଧାରୀଙ୍କ ଭିଡ଼ ମଧ୍ୟ ଅଧିକ ମାତ୍ରାରେ ଦେଖିବାକୁ ମିଳେ। ଲୋକଙ୍କ ବିଶ୍ୱାସ ରହିଛି, ଉକ୍ତ ଦିନ ଯେଉଁମାନେ ଅପରାଜିତା ପୂଜା କରନ୍ତି ସେମାନେ ଜୀବନରେ କେବେ ପରାଜୟବରଣ କରନ୍ତି ନାହିଁ। ପୂଜାର ଏପରି ନାମକରଣ ମଧ୍ୟ ବିଶେଷ ଭାବେ ଏହି ପୂଜା ମଣ୍ଡପରେ ଦେଖିବାକୁ ମିଳେ।

### ବିଶ୍ୱକର୍ମା ପୂଜାରୁ ହେବ ମୂର୍ତ୍ତି ନିର୍ମାଣ

ବିଶ୍ୱକର୍ମା ପୂଜା ଦିନଠାରୁ ଏଠାରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରତିବର୍ଷ କଟକ ଶଗଡିଆସାହିର ଶିଳ୍ପୀ ଦିଲୀପ ବେହେରା ମୂର୍ତ୍ତି ନିର୍ମାଣ କରନ୍ତି। ଚଳିତବର୍ଷ ମଧ୍ୟ ତାଙ୍କୁ ଦାୟିତ୍ୱ ଦିଆଯିବ।

### ସମାଜସେବାରେ ଖର୍ଚ୍ଚ ହୁଏ ବଳକା ଅର୍ଥ

ପୂଜା ପାଇଁ ସାହି ଓ ଦୋକାନଗୁଡ଼ିକରୁ ଆଦାୟ କରାଯାଉଥିବା ଅର୍ଥ ଅଯଥାରେ ଖର୍ଚ୍ଚ କରିବାକୁ ଦିଆଯାଏନାହିଁ। ପୂଜା ଓ ଭସାଣି ସମୟରେ ମଦ୍ୟପାନ କରାଯିବା ଉପରେ ଏହି ପୂଜା କମିଟି କଟକଣା ଲଗାଇଛି। ଏପରି କି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଏଠାରେ ହୋଇ ନ ଥାଏ। ଯାହା ଅର୍ଥ ବଳିଯାଏ ତାହାକୁ ସମାଜସେବାରେ ଲଗାଯାଏ। ରାଜ୍ୟରେ ଦେଖାଯାଉଥିବା ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ପାଖରେ କମିଟି ପହଞ୍ଚିଥାଏ। ଅସହାୟ, ଗରିବ ପିଲାମାନଙ୍କ ପାଠପଢା ପାଇଁ ମଧ୍ୟ ଆର୍ଥିକ ସାହାଯ୍ୟ କରାଯାଇଥାଏ।



**ମା' ଆସୁଛନ୍ତି**

## ତୋରଣରେ ବିଶ୍ୱଐତିହ୍ୟ 'କୋଣାର୍କ'

**ଭୁବନେଶ୍ୱର ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି**

ଭୁବନେଶ୍ୱର ୧୨।୯(ବ୍ୟୁରୋ)

ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତିରେ ନିଜକୁ ସାମିଲ କରିଛି ବୀର ସୁରେନ୍ଦ୍ରସାଏ ନଗର ବା ଭିଏସ୍‌ଏସ୍ ନଗର। ବୀର ସୁରେନ୍ଦ୍ରସାଏ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ତୋରଣ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରର ପ୍ରତିକୃତି ତୋରଣ ଏଥର ଶୋଭା ପାଇବାକୁ ଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭସାଣି ଉତ୍ସବ ଏଠାକାର ପ୍ରମୁଖ ଆକର୍ଷଣ ରହିବ।

୧୯୭୭ରେ ଭୁବନେଶ୍ୱରରେ ଭିଏସ୍‌ଏସ୍ ନଗର ସ୍ଥାପନ ହେବାପରେ ୧୯୭୮ରୁ ଏହି କଲୋନୀରେ ଆରମ୍ଭ ହୋଇଥିଲା ମା' ଦୁର୍ଗତିନାଶିନୀଙ୍କ ପୂଜା। ପ୍ରଥମେ ଛୋଟ ଆକାରରେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ସମୟକ୍ରମେ ଏବେ ମହାଆଡ଼ମ୍ବରରେ ପାଳନ କରାଯାଉଛି। ଚଳିତବର୍ଷ ଏଠାରେ ସୁନିଆ ତିଥିରେ କୁଆଖାଇ ନଦୀରୁ ମୃତ୍ତିକା ଅଣାଯିବା ପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟକୁ ଜୋରଦାର କରାଯାଇଛି। ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ଏଥର ୧୪ଫୁଟ ହେଉଥିବାବେଳେ ଜରି ତିଆରି ମେଢ଼ର ଉଚ୍ଚତା ରହିଛି ୧୮ ଫୁଟ। ବାରଙ୍ଗ ଫୁଲପୋଖରୀରେ ସ୍ୱତନ୍ତ୍ର ଭାବେ ଏହି ମେଢ଼ ତିଆରି କରାଯାଇଛି। ଗଙ୍ଗାନଦୀରୁ ଆସିଥିବା ମାଟିରେ ପ୍ରଲେପ ଦିଆଯାଇ ଏହାକୁ ସ୍ୱତନ୍ତ୍ର କରାଯାଇଛି। ସେହିଭଳି ଚଳିତ ବର୍ଷ ଏଠାରେ ମା'ଙ୍କ ଶରୀରରେ ରୁପା ମୁକୁଟ ଓ ରୁପା ହାର ଶୋଭା ପାଇବ। ଶ୍ରଦ୍ଧାଳୁମାନେ ବିଶ୍ୱ ଐତିହ୍ୟ କୋଣାର୍କ ମନ୍ଦିରକୁ ଭିଏସ୍‌ଏସ୍ ନଗର ତୋରଣରେ ଦେଖିବାର ସୁଯୋଗ ପାଇବେ। ୩୫ଫୁଟ ଉଚ୍ଚତା ବିଶିଷ୍ଟ ଏହି ତୋରଣର ଡିଜାଇନ ସହ କୋଣାର୍କ ଆକୃତିର କଳାକୃତି ମୁଖ୍ୟ ଆକର୍ଷଣ ସାଜିବ। ଅନ୍ୟପକ୍ଷରେ ଚଳିତ ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମରେ ନବମୀ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁଧାକର ମିଶ୍ର ଓ ତାଙ୍କ ସାଥୀମାନେ ଭଜନ ପରିବେଷଣ କରିବେ। ଭୁବନେଶ୍ୱର ଭସାଣି ଉତ୍ସବ ସମିତି ସହ ସାମିଲ ହୋଇ ଭିଏସ୍‌ଏସ୍ ନଗରରୁ ଶହୀଦନଗର ଓ ରୂପାଲି ଛକ ଦେଇ ରାଜମହଲ ଛକ ପର୍ଯ୍ୟନ୍ତ ଭସାଣୀ ଯାତ୍ରା ହେବ। ଶବ୍ଦ ପ୍ରଦୂଷଣ ନ କରିବାକୁ ଏହି ପୂଜା ସମିତି ଗୁରୁତ୍ୱ ଦେବାସହ ଭଷାଣି ଯାତ୍ରାରେ ପାରମ୍ପରିକ ବାଜାର ବ୍ୟବହାର କରାଯିବ।

**କର୍ମକର୍ତ୍ତାଙ୍କ ମୁହଁରୁ...**



ଭିଏସ୍‌ଏସ୍‌ନଗର ଦୁର୍ଗାପୂଜାର ପରମ୍ପରା ଅନୁସାରେ ଅଷ୍ଟମୀରେ ଖେଚୁଡ଼ି ଓ ଡାଲମା ଭୋଗ ଏବଂ ଦଶମୀରେ ଦହିପଖାଳ ଓ ଶାଗଭଜା ଭୋଗ ହେବ। ଆଗରୁ ରହିଆସିଥିବା ପରମ୍ପରା ଅନୁଯାୟୀ ମା'ଙ୍କ ପୂଜା ପାଇଁ ସଂଗ୍ରହ ଦାନ ଆଦାୟ ଓ ଖର୍ଚ୍ଚର ହିସାବ ଅଡିଟ୍ କରାଯିବା ପରେ କଲୋନୀର ସମସ୍ତଙ୍କ ଘରେ ଦିଆଯିବ। ପ୍ରତି ଘରେ ନିମନ୍ତ୍ରଣ ପତ୍ର ସହିତ ଭୋଗ ବଣ୍ଟାଯିବ।
**– ଶୀତଳ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ**



ତୋରଣ ଓ ଲାଇଟ୍ ଗେଟ୍ ଚଳିତବର୍ଷର ଅନ୍ୟତମ ଆକର୍ଷଣ ରହିବ। ଭକ୍ତଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ପୋଲିସ ପ୍ରଶାସନ ଚଳିତବର୍ଷ ଡିଜେ ବନ୍ଦ କରିଥିବାବେଳେ ବୀର ସୁରେନ୍ଦ୍ରସାଏ ନଗର ଦୁର୍ଗାପୂଜା ସମିତି ୧୨ ବର୍ଷ ପୂର୍ବରୁ ଡିଜେ ଛାଡ଼ି ପାରମ୍ପରିକ ବାଦ୍ୟ ଆପଣାଇଛି। ଏହା ହିଁ ଆମର ସ୍ୱତନ୍ତ୍ରତା।
**–ଆର୍ତ୍ତତ୍ରାଣ ଦଳାଇ, ସଭାପତି**



ବୀର ସୁରେନ୍ଦ୍ରସାଏ ନଗରରେ ଓଡ଼ିଆ ପରମ୍ପରାକୁ ଏବଂ ଓଡିଶାର ଲୋକକଳାକୁ ସବୁବେଳେ ସମ୍ମାନ ଦିଆଯାଇ ତୋରଣ ପ୍ରସ୍ତୁତ କରାଯାଏ। ସେହିକ୍ରମରେ ଏଥର କୋଣାର୍କ ମନ୍ଦିର ସଦୃଶ ତୋରଣ କରୁଛୁ। ଭସାଣି ଶୋଭାଯାତ୍ରାରେ ମଧ୍ୟ ପାରମ୍ପରିକ ବାଦ୍ୟ ସହିତ ଓଡ଼ିଶାର କଳା, ସଂସ୍କୃତିକୁ ଗୁରୁତ୍ୱ ଦିଆଯାଇଛି।
**– ଦିଲୀପ ଦାଶଶର୍ମା, ବରିଷ୍ଠ ସଦସ୍ୟ**



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

- ଲାମାର୍ଟିନ



## ■ ଶିଶୁପାଳଗଡ଼ର ରାମପାର୍ଟ ହୋଇଯିବ ନିଶ୍ଚିହ୍ନ

# ଅନିଶ୍ଚିତତା ଭିତରେ ଖନନ, ଗବେଷଣା ଓ ଅଧ୍ୟୟନ

**ପୁରୁଣା ଭୁବନେଶ୍ୱର,୧୨।୯(ଡି.ଏନ.ଏ.)**

ସମ୍ପ୍ରତି ଐତିହ୍ୟ ସ୍ଥଳଗୁଡିକର ସୁରକ୍ଷା ବିପନ୍ନ। ଯେଉଁଥିପାଇଁ ଗବେଷକମାନଙ୍କର ଗବେଷଣା ଓ ଅଧ୍ୟୟନ ଅନିଶ୍ଚିତତା ଭିତରେ ରହିଛି। ଏଗୁଡିକର ସୁରକ୍ଷା ଏବଂ ପରିଚାଳନା ଦାୟିତ୍ୱରେ ରହିଥିବା ବିଭାଗୀୟ ଅଧିକାରୀମାନଙ୍କ ନିଷ୍କ୍ରିୟତା କୀର୍ତ୍ତିରାଜିଗୁଡିକୁ ସଙ୍କଟ ମୁହଁକୁ ଠେଲି ଦେଉଛି। ବିଶେଷକରି ମନ୍ଦିରମାଳିନୀ ଭୁବନେଶ୍ୱରରେ ରହିଥିବା ପ୍ରାୟ ୭୦୦ ମନ୍ଦିରରୁ ଏବେ ମାତ୍ର ହାତଗଣତି କେତୋଟି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସଂରକ୍ଷଣ ଅଧୀନରେ ରହିଛି। ଏହା ସତ୍ତ୍ୱେ ବିଭାଗୀୟ ଅଧିକାରୀମାନଙ୍କର ଅବହେଳା ନେଇ ସେଗୁଡ଼ିକ ମଧ୍ୟ ଏକ ପ୍ରକାର ଶ୍ରୀହୀନ ହେବାକୁ ଲାଗିଛି। ଏହି ପରିପ୍ରେକ୍ଷୀରେ ଐତିହ୍ୟ ଶିଶୁପାଳଗଡର ଇତିହାସକୁ ବିଚାର କଲେ ମୋଟ ଏ ୫୬୨.୬୮୨ ଡିସିମିଲ ପରିସୀମା ଥିବା ଐତିହ୍ୟସ୍ଥଳଟିର ସମ୍ପ୍ରତି ପରିସୀମା ମାତ୍ର ଏ୦. ୭୭୭ ଡିସିମିଲ ରହିଛି। ସୁତରାଂ ଐତିହ୍ୟ ରାମପାର୍ଟ (ସୁରକ୍ଷା ପ୍ରାଚୀର)କୁ କାଟିବା, ଖନନ କରିବା, ପୋତିବା କାର୍ଯ୍ୟ ଯୋଗୁ ଏବେ ଐତିହାସିକଙ୍କ ଗବେଷଣା ଓ ଅଧ୍ୟୟନ କାର୍ଯ୍ୟ ବନ୍ଦ ହେବାକୁ ବସିଛି। ଐତିହାସିକ ପ୍ରଫୁଲ୍ଲ ତ୍ରିପାଠୀଙ୍କ ମତରେ, ଶିଶୁପାଳଗଡ




ଏକ ଐତିହାସିକ ସ୍ମାରକୀ। ଯାହାକୁ ୧୭୩୧ ମସିହାରେ ଶକ୍ତି ଖାଁ ନଷ୍ଟ କରି ଦେଇଥିଲେ। ଯାହା ଅବଶେଷ ରହିଛି ତାକୁ ରାଜସ୍ୱ ବିଭାଗ, ଅନ୍ୟ ବିଭାଗ ମିଳିମିଶି ସମ୍ପୂର୍ଣ୍ଣ ନଷ୍ଟ କରିସାରିଲେଣି। ଦିଲ୍ଲୀ ଭଳି ସହରରେ କବର ସୁରକ୍ଷା ନିମନ୍ତେ ସରକାର ଯତ୍ନବାନ ହେଉଛନ୍ତି। ମାତ୍ର ଶିଶୁପାଳଗଡ ଭଳି ଐତିହ୍ୟ ନିଶ୍ଚିହ୍ନ ପାଇଁ ଏହା ଏକ ଷଡଯନ୍ତ୍ର।

୨୦୧୨ରୁ କ୍ରମାଗତ ଭାବେ ଏଏସ୍‌ଆଇ କର୍ତ୍ତୃପକ୍ଷ ଶିଶୁପାଳଗଡ ଖନନ କାର୍ଯ୍ୟ, ଗବେଷଣା ଓ ଅଧ୍ୟୟନ ନିମନ୍ତେ ଆରମ୍ଭ କରାଯିବ ବୋଲି ଘୋଷଣା କରିଛନ୍ତି। ମାତ୍ର ୭୭୭ ଡିସିମିଲରୁ ଏଏସ୍‌ଆଇ କର୍ତ୍ତୃପକ୍ଷ ଗୋଟିଏ ପାଦ ଆଗେଇ ପାରୁନି। ବରଂ ବିଭାଗ ବିଭିନ୍ନ ସମୟରେ ଏହି ଅଞ୍ଚଳରେ ରୋଷର ଶିକାର ହୋଇଛି। ସେହିଭଳି ଏଏସ୍‌ଆଇ ନିର୍ଦ୍ଦେଶନାମା ଅନୁଯାୟୀ ଐତିହ୍ୟ ମନ୍ଦିରର ସର୍ବନିମ୍ନ ୧୦୦ ମିଟର ମଧ୍ୟରେ କୌଣସି ନିର୍ମାଣ, ଖନନ, ପୁନଃ ନିର୍ମାଣ ପାଇଁ ଗାଇଡ ଲାଇନ ନ ଥିବାବେଳେ ବିଭିନ୍ନ ମନ୍ଦିର ଚତୁଃପାର୍ଶ୍ୱରେ ସରକାରୀ ଓ ବେସରକାରୀ ନିର୍ମାଣକାର୍ଯ୍ୟ ଚାଲୁଛି। ତ୍ରୟୋଦଶ ଶତାବ୍ଦୀର ତନ୍ତ୍ର ପୀଠ ବୈତାଳ ମନ୍ଦିର, ସୂକ୍ଷ୍ମେଶ୍ୱର ମନ୍ଦିର, ବରୁଣେଶ୍ୱର ମନ୍ଦିର, ଶ୍ରୀଅନନ୍ତ ବାସୁଦେବ ମନ୍ଦିର ଏବଂ ବ୍ରହ୍ମେଶ୍ୱର ମନ୍ଦିର ଆଦି ପରିସରରେ ବେଆଇନ ନିର୍ମାଣ କରାଯାଉଛି। ଏ ନେଇ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକଙ୍କୁ ପଚାରିବାରେ ଜବରଦଖଲ ଓ ଶିଶୁପାଳଗଡ ପ୍ରାଚୀର କାଟି ନିର୍ମାଣ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଦାୟୀ କରିଛନ୍ତି। ରାଜ୍ୟ ସରକାରଙ୍କ ଅସହଯୋଗ ସାଙ୍ଗକୁ ସ୍ଥାନୀୟ ଜନପ୍ରତିନିଧି ଓ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ କାରଣରୁ ରାମପାର୍ଟ ବା ପ୍ରାଚୀର ନିଶ୍ଚିହ୍ନ ହେବାକୁ ବସିଲାଣି। ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ବାରମ୍ବାର ବେଆଇନ ନିର୍ମାଣ ରୋକିବାକୁ ଚିଠି ମାଧ୍ୟମରେ ଓ ବସୁଥିବା ବୈଠକରେ ଅବଗତ କରାଇଛୁ। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ତଥାପି ବେଆଇନ ନିର୍ମାଣ ସମ୍ପର୍କ ବିଡିଏକୁ ଅବଗତ କରାଇ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଏହି ପରିପ୍ରେକ୍ଷୀରେ ଶ୍ରୀଅନନ୍ତବାସୁଦେବ ମନ୍ଦିରରେ ଏବଂ ବ୍ରହ୍ମେଶ୍ୱର ହେଉଥିବା ବେଆଇନ ନିର୍ମାଣକୁ ବନ୍ଦ କରିବା ନିମନ୍ତେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ବ୍ରହ୍ମେଶ୍ୱର ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ମଳୟ ମହାପାତ୍ରଙ୍କୁ ପଚାରିବାରୁ ଏହି ନିର୍ମାଣ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ରହିଛି। ଟ୍ରଷ୍ଟ ବୋର୍ଡର ଅନୁମୋଦନକ୍ରମେ ଏବଂ ବିଭାଗୀୟ ଅଧିକାରୀଙ୍କୁ ଦରଖାସ୍ତ ପରେ ଜନସାଧାରଣଙ୍କ ସ୍ୱାର୍ଥକୁ ଲକ୍ଷ୍ୟ ରଖି ଏହି ନିର୍ମାଣଟି ହୋଇଛି। ଏହା ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନଙ୍କ କାର୍ଯ୍ୟରେ ଲାଗିବ ବୋଲି ସେ କହିଥିଲେ।

## ମହାନଦୀରେ ଲୀନ ହେବାକୁ ବସିଛି ସିଦ୍ଧେଶ୍ୱର ପୀଠ



କୂଳ ଲଙ୍ଘି ମନ୍ଦିର ପାଦଦେଶ ଖାଇଯାଇଛି।

**ନରାଜ,୧୨।୯(ଡି.ଏନ.ଏ)**

ବାରଙ୍ଗ ଥାନା ଅନ୍ତର୍ଗତ ତଳଗଡ ଓ ନରାଜର ମଧ୍ୟସ୍ଥ ଭାଗର ପର୍ବତରେ ସିଦ୍ଧେଶ୍ୱର ମନ୍ଦିର ଅବସ୍ଥିତ। ହେଲେ ପ୍ରତ୍ନତତ୍ତ୍ୱ ଓ ଦେବୋତ୍ତର ବିଭାଗର ଅଣଦେଖାରୁ ଏବେ ଏହି ପୁରାତନ ମନ୍ଦିରଟି ମହାନଦୀରେ ଲୀନ ହେବାକୁ ବସିଛି। ପ୍ରତିବର୍ଷ ବର୍ଷାଦିନେ ମହାନଦୀରେ ପାଣି ବଢିଲେ ପାହାଡର ପାଦ ଦେଶରେ ଥିବା କୂଳଖାଇ ଯାଇଥାଏ। ବର୍ତ୍ତମାନ ବର୍ଷା ଓ ମହାନଦୀର ପାଣିରେ କୂଳ ଖାଇବା ଫଳରେ ମନ୍ଦିରର ସାମ୍ନା ପାହାଚ ନଦୀଗର୍ଭକୁ ଚାଲିଯାଇ ମୁଖଶାଳା ଫାଟି ମହାନଦୀରେ ମିଶିବାକୁ ବସିଲାଣି। ସୂଚନାଯୋଗ୍ୟ, ପାଣ୍ଡବମାନେ ବନବାସ ସମୟରେ ଏହି ପର୍ବତରେ ବହୁଦିନ ବସବାସ କରିବା ଓ ବୌଦ୍ଧ ଧର୍ମାବଲମ୍ବୀମାନେ ଏଠାରେ ଥିବା ଗୁମ୍ଫାରେ ରହି ଧ୍ୟାନ କରୁଥିବା କିମ୍ବଦନ୍ତିରୁ ସୂଚନା ମିଳେ। ଏହି ମନ୍ଦିର ମହାନଦୀର ନିକଟବର୍ତ୍ତୀ ଥିବା ସହ ସୁନ୍ଦର ପରିବେଶ ହୋଇଥିବାରୁ ଏଠାକୁ କଟକ ଓ ଆଖପାଖ ଅଞ୍ଚଳରୁ ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁ ଆସିଥାନ୍ତି। ବିଶେଷ କରି ଶ୍ରାବଣ ମାସରେ କାଉଡ଼ିଆମାନେ ଜଳଲାଗି ଓ ଜାଗର ସମୟରେ ବହୁସଂଖ୍ୟାରେ ଭକ୍ତ ଏଠାକୁ ଛୁଟି ଆସିଥାନ୍ତି। ଏହିଭଳି ଏକ ପ୍ରାଚୀନ ଶୈବ ପୀଠଟି ମହାନଦୀ ଗର୍ଭରେ ଲୀନ ହେବା ପୂର୍ବରୁ ପ୍ରତ୍ନତତ୍ତ୍ୱ ଓ ଦେବୋତ୍ତର ବିଭାଗ ସୁରକ୍ଷା ଯୋଗାଇଦେବା ପାଇଁ ଅଞ୍ଚଳବାସୀଙ୍କ ଦାବି ହେଉଛି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି

**ଭୁବନେଶ୍ୱର,୧୨।୯(ବ୍ୟୁରୋ):** ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ମୋବାଇଲ ମରାମତି ଦୋକାନ ତାଡ଼ି ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି କରି ଫେରାର ହୋଇଛନ୍ତି ଦୁର୍ବୃତ୍ତ। ସୂଚନା ମୁତାବକ ରାକେଶଙ୍କ ସାଇମନ୍ଦିର ନିକଟରେ ଏକ ମୋବାଇଲ ମରାମତି ଦୋକାନ ରହିଛି। ବୁଧବାର ରାତିରେ କାମ ସାରି ଦୋକାନ ବନ୍ଦ କରି ସେ ଘରକୁ ଯାଇଥିଲେ। ଗୁରୁବାର ସକାଳୁ ସ୍ଥାନୀୟ ଲୋକଙ୍କଠାରୁ ଘଟଣା ବାବଦରେ ଖବର ପାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ଦେଖିବା ବେଳକୁ ଦୋକାନ କବାଟ ତାଡ଼ି ୫୦ରୁ ଊର୍ଦ୍ଧ୍ୱ ମରାମତି ପାଇଁ ଆସିଥିବା ମୋବାଇଲ ଦୁର୍ବୃତ୍ତ ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ, ଯାହାର ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏ ନେଇ ରାକେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### କଟକରୁ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**କଟକ ଅଫିସ, ୧୨।୯:** କଟକରୁ ଏକାଧିକ ସରକାରୀ କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥାନାନ୍ତରକୁ ଗୁରୁବାର ବିରୋଧ କରିଛି ଛାତ୍ର ସଙ୍ଗଠନ ଜୟ ରେଭେନ୍‌ଶା ଓ ସାମାଜିକ ସଙ୍ଗଠନ ଏକତା ବାହିନୀ। ଏ ନେଇ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ସରକାର ପୂର୍ବରୁ ବହୁ କାର୍ଯ୍ୟାଳୟ ସ୍ଥାନାନ୍ତର କରୁଛନ୍ତି। ବର୍ତ୍ତମାନ ଏହି ନିଷ୍ପତ୍ତିକୁ ପରିବର୍ତ୍ତନ ନ କଲେ ଆଗକୁ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି।

### ଓଡ଼ିଶା କୃଷି ଓଭରସିୟର ସଂଘର କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର,୧୨।୯(ବ୍ୟୁରୋ):** ଓଡ଼ିଶା କୃଷି ଓଭରସିୟର ସଂଘର ଦ୍ୱିବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ପୁରୀ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ସମୀର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନରେ ରାଜ୍ୟର ବିଭିନ୍ନ ଭାଗରୁ ୫୦୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗ ଦେଇଥିଲେ। ବୈଠକର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସଂଘର କାର୍ଯ୍ୟକାରିତା ଓ ସମସ୍ୟା ସାମାଧାନ ଉପରେ ଆଲୋଚନା ହୋଇଥିଲା। ବୈଠକ ଦ୍ୱିତୀୟ ପର୍ଯ୍ୟାୟରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଶାନ୍ତନୁ କୁମାର ପଣ୍ଡାଙ୍କୁ ନିର୍ବାଚିତ କରାଯାଇଥିବା ବେଳେ ସମ୍ପାଦକ ରଞ୍ଜନ କୁମାର ନାୟକ, ଉପସଭାପତି ଭାନୁମତି ନାୟକ, ସଙ୍ଗଠନ ସମ୍ପାଦକ କୃଷ୍ଣ ମୋହନ ଜେନା, କାର୍ଯ୍ୟାଳୟ ସମ୍ପାଦକ ବିନୋଦ ମହାନ୍ତି ଏବଂ କୋଷାଧ୍ୟକ୍ଷ ଭାବେ ବଳରାମ ଦାଶଙ୍କୁ ନିର୍ବାଚିତ କରାଯାଇଛି। ଏହି କର୍ମଚାରୀ ନିର୍ବାଚନ ପ୍ରକ୍ରିୟାକୁ ଓଡିଶା ରାଜ୍ୟ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ସଭାପତି ସୁନନ୍ଦ କାନୁନ ଗୋ ଏବଂ ସମ୍ପାଦକ ପସନ୍ନ ମିଶ୍ର ପରିଚାଳନା କରିଥିଲେ। ଶେଷରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ନିର୍ବାଚନ ଅଧିକାରୀ ଶପଥ ପାଠ କରାଇଥିଲେ।

# ୯ ଅଭିଯୁକ୍ତ ରାଜ୍ୟ ପାର

**ଭୁବନେଶ୍ୱର,୧୨।୯ (ବ୍ୟୁରୋ)**

**ରଙ୍ଗମାଟିଆ ଦୀପକ ହତ୍ୟା ଘଟଣା**

ମଞ୍ଚେଶ୍ୱର ଥାନା ରଙ୍ଗମାଟିଆ ଦୀପକ ବେହେରା ଓ ଲଣ୍ଡା ହତ୍ୟା ଘଟଣାକୁ ୩ଦିନ ବିତି ଯାଇଥିଲେ ବି ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଇନି। ୯ ଅଭିଯୁକ୍ତ ରାଜ୍ୟ ବାହାରକୁ ପଳାଇ ଯାଇଥିବା ଜଣାପଡ଼ିଛି। ପୋଲିସ ନିକଟରେ ଏ ନେଇ କିଛି ଖବର ନ ଥିବାରୁ ଗାଁର କେତେଜଣ ପିଲାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ହେଲେ କେହି ବି ପୋଲିସ ଆଗରେ ସେମାନଙ୍କ ବିଷୟରେ କିଛି କହିବାକୁ ରାଜି ନାହାନ୍ତି। ସବୁଠୁ ବଡ କଥା ହେଲା ଏହି ଘଟଣାକୁ ପୂର୍ବ ଯୋଜନା ଅନୁସାରେ କରାଯାଇଥିଲା। ଦୀପକଙ୍କୁ ହତ୍ୟା କରିବାକୁ ୧୨ ଦିନ ଆଗରୁ ଯୋଜନା ହୋଇଥିଲା। ଏପରି କି ଅଭିଯୁକ୍ତ କେବଳ ସମୟ ଖୋଜୁଥିଲେ। ଗ୍ରାମର ଜଣେ ଯୁବକ ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ରହିଥିବା ବେଳେ ଅନ୍ୟମାନଙ୍କୁ ବାହାରୁ ଅଣାଯାଇଥିବା ଜଣାପଡିଛି। କୁହାଯାଉଛି ଯେ, ପୋଲିସ ଯେତେବେଳେ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିଲା ସେହି ସ୍ଥାନରେ ଅଭିଯୁକ୍ତ ଛିଡା ହୋଇଥିଲେ ମଧ ତାଙ୍କୁ ଜାଣି ପାରି ନ ଥିଲା। ଶେଷରେ ଅଭିଯୁକ୍ତ ଫେରାର ହେବାର ସୁଯୋଗ ପାଇଥିଲେ। ସେହିଦିନ ରାତିରେ ସେମାନେ ଟ୍ରେନ ଯୋଗେ ରାଜ୍ୟ ବାହାରକୁ ଚାଲିଯାଇଥିବା କୁହାଯାଉଛି। ପୋଲିସ କେବଳ ସେମାନଙ୍କର ମୋବାଇଲ୍ ନମ୍ବରକୁ ଟ୍ରାକିଂରେ ପକାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଦେଖିଲେ ଗ୍ରାମରେ ଏବେବି ଚାପା ଉତ୍ତେଜନା ଲାଗି ରହିଛି। ଗୋଟିଏ ଗୋଷ୍ଠୀ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଛନ୍ତି। ଦୀପକଙ୍କ ମୁଣ୍ଡ ବଦଳରେ ଅନ୍ୟ ଜଣଙ୍କର ମୁଣ୍ଡ ନେବାକୁ ସୁଯୋଗ ଖୋଜୁଛନ୍ତି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ ରହିଛନ୍ତି।

ମଙ୍ଗଳବାର ରାତି ପ୍ରାୟ ସାଢେ ୭ଟାରେ ଦୀପକ ବାପାଙ୍କ ଦୋକାନ ବନ୍ଦ କରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିଥିଲେ। ଜମି ବେପାରକୁ ନେଇ ଏହି ହତ୍ୟା ଘଟିଥିବା ଜଣାପଡିଛି।




ନୂଆ ମୋଟରଯାନ ଆଇନକୁ ବିରୋଧ କରି ଗୁରୁବାର ପିପୁଲ୍ସ ପ୍ରୋଟେଷ୍ଟ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ କରାଯାଉଥିବାବେଳେ ଆନ୍ଦୋଳନ ଜାରି ରଖିବା ପାଇଁ କର୍ମୀମାନେ ଅର୍ଥ ଦାନ କରୁଛନ୍ତି।

## ■ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର

# ଅନନ୍ତ ବ୍ରତରେ ୪୦ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼



ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ପୁରୁଣା ଭୁବନେଶ୍ୱର,୧୨।୯(ଡି.ଏନ.ଏ.)**

ଅନନ୍ତ ବ୍ରତ ଅବସରରେ ଗୁରୁବାର ବିନ୍ଦୁସାଗର କୂଳସ୍ଥ ଶ୍ରୀଅନନ୍ତ ବାସୁଦେବ ମନ୍ଦିରରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ରାତି ସାଢେ ୨ଟାରେ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ପରେ ଠାକୁରଙ୍କ ଆଳତି, ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ରାତି ସାଢେ ୩ଟାରେ ସର୍ବସାଧାରଣଙ୍କ ପାଇଁ ଦର୍ଶନ ଆରମ୍ଭ ହୋଇଥିଲା। ମହିଳା ବ୍ରତଧାରୀ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ବିନ୍ଦୁସାଗର ରାସ୍ତାରେ ବ୍ୟାରିକେଡ ନିର୍ମାଣ କରାଯାଇଥିଲା। ବିନ୍ଦୁସାଗର ରାସ୍ତାର ଉଭୟପାର୍ଶ୍ୱରେ ଯାନବାହନ ନିଷେଧ ହୋଇଥିଲା। ଉଭୟପାର୍ଶ୍ୱରେ ପୋଲିସ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲା। ଦୁର୍ବୃତ୍ତଙ୍କ ଉପରେ କଡା ନଜର ପାଇଁ ସାଦା ପୋଷାକଧାରୀ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅନନ୍ତ ବ୍ରତଧାରୀ ମହିଳା ଶ୍ରଦ୍ଧାଳୁ ଦୁଦୁରା, କନିଅର, ଭେଜି ବାଇଗଣ, ଡିମିରି, ପିସ୍ତା, ଅରଖ, ବଉଳ, ବଣ କୁନ୍ଦୁରୀ ଆଦି ୧୪ ପ୍ରକାର ଫଳ ସହ ଫୁଲ ଓ ଭୋଗ ଲାଗି ପୂର୍ବକ ଅନନ୍ତ ଠାକୁରଙ୍କ ଦର୍ଶନ କରିଥିଲେ। କଥିତ ଅଛି ଯେ, ଏହିଦିନ ମହିଳା ବ୍ରତ ରଖିଲେ ତାଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ।

### ଗହଳି ଦେଖି ବଢ଼ିଲା ପ୍ରସାଦ ମୂଲ୍ୟ

ଅନନ୍ତବ୍ରତ ଲାଗି ଶ୍ରୀଅନନ୍ତ ବାସୁଦେବଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ ଦୀର୍ଘ ଦେଢ ଘଣ୍ଟା ଲମ୍ବା ଧାଡିରେ ରହିଥିଲେ। ସେମାନେ ଠାକୁରଙ୍କୁ ଦର୍ଶନ କରିବା ପରେ ମନ୍ଦିର ପରିସରରେ ମିଳୁଥିବା ପ୍ରସାଦ ପାଇଁ ଗହଳି ଲଗାଇଥିଲେ। ଏଥିଯୋଗୁ ପ୍ରସାଦ ମୂଲ୍ୟ ବୃଦ୍ଧି ସାଙ୍ଗକୁ ସରି ଯାଇଥିଲା। ଫଳରେ ବହୁ ଶ୍ରଦ୍ଧାଳୁ ପ୍ରସାଦ ନ ପାଇ ଘରକୁ ଫେରି ଯାଇଥିଲେ।

### ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଭିଡକୁ ନିୟନ୍ତ୍ରଣ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ପ୍ରାୟ ୫ ପ୍ଲାଟୁନ୍ ପୋର୍ସ ମୁତୟନ କରାଯାଇଥିଲା। ୪୦ ଜଣ ହୋଇଗାର୍ଡ, ୨୫ ଜଣ ଅଫିସର, ୨ ଜଣ ଏସିପି, ୩ ଜଣ ଇନ୍ସପେକ୍ଟର ମୁତୟନ ହୋଇଥିଲେ।

### ବୃଦ୍ଧାଙ୍କୁ ଧକ୍କା ମାରି ଚେନ୍ ଲୁଟ୍

ପୋଲିସ ମୁତୟନ ସତ୍ତ୍ୱେ ଦୁର୍ବୃତ୍ତମାନେ ଚକ୍‌ମା ଦେଇ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମନ୍ଦିର ଭିତରେ ଲୁଟେରା ଲୁଟ୍ ଘଟାଇଥିଲେ। ଜଟଣୀରୁ ଆସିଥିବା ନୟନା ସ୍ୱାଇଁ (୬୦) ବୃଦ୍ଧା ଧାଡିରେ ଯିବା ବେଳେ ଲୁଟେରାମାନେ ତାଙ୍କୁ ଧକ୍କା ମାରିଥିଲେ। ସେ ତଳେ ପଡିଯିବାରୁ ତାଙ୍କ ବେକରୁ ୧୪ ଗ୍ରାମ ଓଜନର ଏକ ସୁନା ଚେନ ଲୁଟି ନେଇଥିଲେ। ପରେ ବୃଦ୍ଧା ଜଣକ କ୍ୱାଇଁ ସହ ଯାଇ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ।

## ଗୋବର୍ଦ୍ଧନ ଗୋଧାମରେ କେନ୍ଦ୍ରମନ୍ତ୍ରୀ



ଗୋବର୍ଦ୍ଧନ ଗୋଧାମ ପରିଦର୍ଶନରେ ଆସିଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

**କଟକ ଅଫିସ,୧୨।୯**

କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ମଙ୍ଗଳାବାଗସ୍ଥିତ ଗୋବର୍ଦ୍ଧନ ଗୋଧାମ ପରିଦର୍ଶନ କରିଛନ୍ତି। ସେ ଗୋଧାମରେ ରହୁଥିବା ସମସ୍ତ ଗୋମାତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ସେ ବାଲ ବଜରଙ୍ଗୀ କ୍ଲବର ଗୋବର ଗଣେଶଙ୍କୁ ଦର୍ଶନ କରିଥିଲେ। ବାଲ ବଜରଙ୍ଗ ଦଳର ଶାନ୍ତିପୂର୍ଣ୍ଣ ଭସାଣି ଶୋଭାଯାତ୍ରା ପାଇଁ ମଙ୍ଗଳାବାଗ ଇନ୍ସପେକ୍ଟର ଅନୁମତି ଦେଉ ନ ଥିବା ଶୁଣି କେନ୍ଦ୍ରମନ୍ତ୍ରୀ ତୁରନ୍ତ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍.ପି. କୋଚେଙ୍କୁ ଅବଗତ କରାଇଥିଲେ। ସେହିପରି ଶୋଭାଯାତ୍ରା ପାଇଁ ଅନୁମତି ଦେବାକୁ ସେ ଏଡିଜିଙ୍କୁ କହିଥିଲେ। ଗୋବର୍ଦ୍ଧନ ଗୋଧାମ ସଦସ୍ୟଙ୍କୁ ଅଯଥା ହଇରାଣ କରାଯାଉଥିବା ଜାଣି ଏହାର ତୁରନ୍ତ ସମାଧାନ କରିବାକୁ ସେ ଏଡିଜିଙ୍କୁ ପରାମର୍ଶ ଦେଇଥିଲେ। ପରେ ଗୋଧାମ ନିକଟରେ ରହୁଥିବା ବସ୍ତିବାସିନ୍ଦାଙ୍କ ସହ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଆଲୋଚନା କରିଥିଲେ।

## ■ ଘରୋଇ ହସ୍ପିଟାଲରେ ଯୁବକଙ୍କ ଆତଙ୍କରାଜ

# ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

- ■ ଗର୍ଭପାତ ପରେ ସ୍ତ୍ରୀ ଗର୍ଭବତୀ ହୋଇଥିବା ଅଭିଯୋଗ ଆଣିଲେ ଯୁବକ
- ■ ମିଥ୍ୟା ଅଭିଯୋଗ ଆଣି ୫ ଲକ୍ଷ ଦାବି କରାଯାଉଥିବା କହିଲେ ଡାକ୍ତର
- ■ ୨ ମାମଲା ରୁଜୁ, ୩ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଗର୍ଭପାତ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତ ଉପୁଜିଛି। ତ୍ରୁଟିପୂର୍ଣ୍ଣ ଗର୍ଭପାତ ଯୋଗୁ ତାଙ୍କ ସ୍ତ୍ରୀ ଗର୍ଭବତୀ ହେବାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିବା ଅଭିଯୋଗ ଆଣି ଜଣେ ଯୁବକ ହସ୍ପିଟାଲରେ ପଶି ଆତଙ୍କ ଖେଳାଇଛନ୍ତି। ଗର୍ଭପାତ କରିଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ଜଣେ ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ୩ଦିନ ତଳେ ଏହି ଘଟଣା ଘଟିଥିବାବେଳେ ପୋଲିସ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ମହିଳା ଡାକ୍ତର କହିଛନ୍ତି। ଏପରିକି ମିଥ୍ୟା ଅଭିଯୋଗ ଆଣି ତାଙ୍କଠାରୁ ଟଙ୍କା ଆଦାୟ କରିବାକୁ ଯୋଜନା ହୋଇଥିବା ସେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ତ୍ରୁଟିପୂର୍ଣ୍ଣ ଗର୍ଭପାତକୁ ନେଇ ଯୁବକ ଜଣକ ମଧ୍ୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜଣାପଡିଛି।

ସୂଚନା ମୁତାବକ, ୨ ମାସ ତଳେ ପଟିଆ ଅଞ୍ଚଳର ଜଣେ ଗର୍ଭବତୀ ମହିଳା ଉକ୍ତ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେ ୩ ମାସର ଗର୍ଭବତୀ ଥିବାବେଳେ ଅଲଟ୍ରାସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁ ରୁଗ୍‌ଣ ଥିବାରୁ ସ୍ୱାମୀ ଉକ୍ତ ମହିଳା ଡାକ୍ତରଙ୍କ ସହ ଯୋଗଯୋଗ କରିବା ପରେ ଗର୍ଭପାତ କରାଯାଇଥିଲା। ମହିଳାଙ୍କ ସ୍ୱାମୀଙ୍କ କହିବା କଥା, ଡାକ୍ତରଙ୍କ ଅବହେଳାରୁ ତାଙ୍କ ସ୍ତ୍ରୀ ଅସୁସ୍ଥ ହୋଇପଡ଼ିବା ସହ ଚାଲି ନ ପାରି ବେଡ୍‌ରେ ପଡି ରହିଛନ୍ତି। ଗର୍ଭପାତ ପରେ ଗର୍ଭ ରହିଥିବାରୁ ତାଙ୍କ ସ୍ତ୍ରୀଙ୍କର ଏପରି ଅବସ୍ଥା ହୋଇଥିବା ଓ ଏଥିପାଇଁ ଡାକ୍ତର ଦାୟୀ ବୋଲି ସେ ଅଭିଯୋଗ ଆଣିଛନ୍ତି। ମାତ୍ର ମହିଳା ଡାକ୍ତର କୁହନ୍ତି, ବରିଷ୍ଠ ଡାକ୍ତରଙ୍କ ଉପସ୍ଥିତିରେ ଠିକ ପ୍ରଣାଳୀରେ ମହିଳାଙ୍କର ଗର୍ଭପାତ କରାଯାଇଛି। କିଛି କ୍ଷେତ୍ରରେ ଯଦି ସାମନ୍ୟ ବିନ୍ଦୁ ମାତ୍ରାର ଅଂଶ ଗର୍ଭାଶୟ ଭିତରେ ରହିଯାଏ କିଛିଦିନ ପର୍ଯ୍ୟନ୍ତ ରକ୍ତସ୍ରାବ ହୋଇଥାଏ। ମହିଳାଜଣକ ଗର୍ଭବତୀ ଅଛନ୍ତି କି ନାହିଁ ଜାଣିବାକୁ ତାଙ୍କ ପରିସ୍ରା ପରୀକ୍ଷା କଲେ ଜଣାପଡିବ। ଆଉଏକ ଅଲଟ୍ରାସାଉଣ୍ଡ ରିପୋର୍ଟ ସହ ସ୍ତ୍ରୀଙ୍କୁ ହସ୍ପିଟାଲ ଆଣିବାକୁ କୁହାଯାଉଥିଲେ ମଧ୍ୟ ବ୍ୟକ୍ତିଜଣକ ସହଯୋଗ କରୁନାହାନ୍ତି। ହସ୍ପିଟାଲ ପରିସରରେ ବାରମ୍ବାର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଉଛନ୍ତି। କିଛି ବାହାର ଲୋକଙ୍କ ଜରିଆରେ ଘଟଣାକୁ ଚପାଇବା ନେଇ ୫ ଲକ୍ଷ ଟଙ୍କା ଦାବି କରୁଛନ୍ତି ବୋଲି ମହିଳା ଡାକ୍ତର ଜଣକ କହିଛନ୍ତି।

ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଉଭୟଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ମହିଳା ଡାକ୍ତରଙ୍କ ଅଭିଯୋଗ ଆଧାରରେ ମାମଲା ନଂ.୩୪୭/୧୯ ଓ ଅନ୍ୟଏକ ଅଭିଯୋଗ ଆଧାରରେ ମାମଲା ନଂ ୩୪୬/୧୯ ରୁଜୁ କରାଯାଇ ତଦନ୍ତ ଚାଲିଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୩/୨୦୧୯ Bhubaneswar, Friday, September 13/2019

# ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା, ଖସିପଡି ଜଣେ ଗୁରୁତର

**ପୁରୁଣା ଭୁବନେଶ୍ୱର, ୧୨।୯ (ଡି.ଏନ.ଏ.):** ଲିଙ୍ଗରାଜ ପାସେଞ୍ଜର୍ସ ହଲ୍ଟ ନିକଟରେ ଗୁରୁବାର ୨ଟି ଅଭାବନୀୟ ଘଟଣା ଘଟିଛି। ପ୍ରଥମଟି ଏକ ଟ୍ରେନ୍ ଦ୍ରୁତଗତିରେ ଆସୁଥିବା ବେଳେ ସ୍ଥାନୀୟ ଗଣ୍ଡମୁଣ୍ଡା ତାରିଣୀ ବସ୍ତିର ଅଶୋକ କୁମାର ବେହେରା(୪୭) ଫୋନ୍‌ରେ କଥାବର୍ତ୍ତା ହେଉ ହେଉ ଡେଇଁ ପଡିଥିଲେ। ଏହାର କାରଣ ଅସ୍ପଷ୍ଟ ରହିଛି। ଜିଆରପି ଥାନା ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିଭଳି ସକାଳେ ପଲସା ପାସେଞ୍ଜର ଟ୍ରେନ୍ ଭୁବନେଶ୍ୱର ଆସୁଥିଲା। ଭୂଷଣ୍ଡପୁରର ବିଷ୍ଣୁ ପ୍ରସାଦ କଳସି ନାମକ ଜଣେ ଛାତ୍ର ଏହି ଟ୍ରେନ୍‌ରୁ ଅସାବଧାନତାବଶତଃ ଖସି ପଡିଥିଲେ। ତାଙ୍କର ମୁଣ୍ଡ ଏବଂ ଅଣ୍ଟାରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଦୀପ ସେବା ଟ୍ରଷ୍ଟର ରିତୁରାଣୀ ସାସମଲ ଏବଂ ପ୍ରଦୀପ ପୃଷ୍ଟି ଓ ସଦସ୍ୟାସଦସ୍ୟାମାନେ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ନେବାରେ ଜଣାପଡିଛି ବିଷ୍ଣୁ ସୁନ୍ଦରପଦାରେ ଏକ ଘରୋଇ କଲେଜରେ ପଢନ୍ତି।

# ଶ୍ରୀମନ୍ଦିର ପାଇଁ ବାସଗୃହ ଉଚ୍ଛେଦକୁ ମହିଳାଙ୍କ ବିରୋଧ ୧୦୦୧ ଦୀପଦାନ, କଳାକନା ବାନ୍ଧି ଧାରଣା




ପୁରୀ ଅଫିସ,୧୨।୯

ଶ୍ରୀମନ୍ଦିର ମେଘନାଦ ପାଚେରି ଚାରିପଟୁ ୭୫ ମିଟର ପରିଧିରେ ଥିବା କୋଠା, ମଠ ଭଙ୍ଗାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଦୁଇ ସପ୍ତାହ ଧରି ଉଚ୍ଛେଦ କାର୍ଯ୍ୟ ଚାଲିଛି। ବିସ୍ଥାପିତଙ୍କ ଲାଗି ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ଏଥିପ୍ରତି ଲୋକଙ୍କ ଭରସା ପାଉନାହିଁ। ଅତୀତରେ ଉଚ୍ଛେଦ ହୋଇଥିବା ଲୋକଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ। ତେଣୁ କୌଣସି ପରିସ୍ଥିତିରେ ଭିଟାମାଟି ଛାଡ଼ିବୁ ନାହିଁ ବୋଲି ଜିଦ୍ ଧରି ଶତାଧିକ ମହିଳା ଗୁରୁବାର ବାସେଳି ଠାକୁରାଣୀଙ୍କ ନିକଟରେ ୧୦୦୧ ଦୀପ ଜାଳି, ମୁଖରେ କଳାପଟି ବାନ୍ଧି ନୀରବ ଧାରଣା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଉଚ୍ଛେଦ ପ୍ରକ୍ରିୟାକୁ ସେମାନେ ନିନ୍ଦା କରିଛନ୍ତି।

### ଉଚ୍ଛେଦ ପାଇଁ ଚିନ୍ତା

ବିସ୍ଥାପିତ ପରିବାର କିପରି ଚଳିବେ, କେଉଁଠି ପୁଣି ଦୋକାନ କରିବେ ସେନେଇ ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ଶ୍ରୀମନ୍ଦିର ପଛପଟେ ରହୁଥିବା ବାସେଳି ସାହି, ମାର୍କଣ୍ଡେଶ୍ୱର ସାହି, ପଶ୍ଚିମ ଦ୍ୱାର ସାହି, ହରଚଣ୍ଡୀ ସାହି, ଗଡନ୍ତି ଉପର ସାହି ଏବଂ ଉଚ୍ଛେଦ ହେବାକୁ ଥିବା ଅନ୍ୟ ସାହିର ମହିଳାମାନେ ଏହି ଧାରଣାରେ ସାମିଲ ହୋଇଥିଲେ। ବର୍ଷବର୍ଷ ଧରି ସେମାନେ ଏଠାରେ ରହିଆସୁଥିବା ବେଳେ ଏବେ ପ୍ରଶାସନର ଉଚ୍ଛେଦ ପଦକ୍ଷେପକୁ ସେମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।

### ପରିବାରରେ ନିଦ ହଜିଛି

ସ୍ଥାନୀୟ ବାସିନ୍ଦା ଉଚ୍ଛେଦ ହେଲେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେବା ସହ ରୋଜଗାର ହରାଇବେ। ସାହି ପଡ଼ିଶା ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା ଭାବ ପ୍ରଭାବିତ ହେବ। ଉଚ୍ଛେଦ ଦିନଠାରୁ ପରିବାର ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ପ୍ରଥମେ ଥଇଥାନ ଚିନ୍ତା ନ କରି ସରକାର କାହିଁକି ତରବରିଆ ଭାବେ ଉଚ୍ଛେଦକୁ ଗୁରୁତ୍ୱ ଦେଉଛନ୍ତି ବୋଲି କେତେଜଣ ମହିଳା ପ୍ରଶ୍ନ କରିଛନ୍ତି।

### ପରିବାର ଚଳାଇବା କଷ୍ଟକର ହେଉଛି

ଶ୍ରୀମନ୍ଦିର ସୁରକ୍ଷା ଓ ସହରର ବିକାଶ ହେଉ। ତେବେ ଏଥିପାଇଁ ଖଟିଖିଆ, ଦିନମଜୁରିଆ, ଶହ ଶହ ଉଠାଦୋକାନୀଙ୍କୁ ରାତାରାତି ଉଚ୍ଛେଦ କରାଯିବା ଠିକ୍ ନୁହେଁ। ସିଂହଦ୍ୱାର ନିକଟରେ ଦୀର୍ଘ ବର୍ଷ ଧରି କିଏ ସଳିତା, ନିର୍ମାଲ୍ୟ, ଫଟୋ ବିକି ଚଳୁଥିଲା ତ ଆଉ କେହି ଶଙ୍ଖା, ସିନ୍ଦୁର ଆଦି ବିକି ପରିବାର ଚଳାଉଥିଲେ। ଉଠାଦୋକାନୀଙ୍କୁ ଥଇଥାନ ନ କରି ଉଚ୍ଛେଦ କରିଦିଆଗଲା। ଏଥିଯୋଗୁ ୬ଶହରୁ ଊର୍ଦ୍ଧ୍ୱ ପରିବାର ବର୍ତ୍ତମାନ ରାସ୍ତାକୁ ଚାଲି ଆସିଛନ୍ତି। ସେମାନଙ୍କ ପାଇଁ ନିଜ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି।

### ତାଲିବାନ ଶାସନ କରୁଛନ୍ତି

ବିକାଶ ଆଳରେ ସରକାର ତାଲିବାନ ଶାସନ କରୁଛନ୍ତି। ଲୋକଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଶ୍ରୀମନ୍ଦିର ଚାରିପଟୁ ଉଚ୍ଛେଦ କରି ଫୁଲକୁଣ୍ଡ ରଖି ଓ ତାରା ରୋପଣ କରିଦେଲେ କ'ଣ ବିକାଶ ହୋଇଯିବ କି ବୋଲି ଧାରଣାରତ ମହିଳାମାନେ ପ୍ରଶ୍ନ କରିଛନ୍ତି। ଉଚ୍ଛେଦ ପରିବାରର ଉପଯୁକ୍ତ ଥଇଥାନ କଥା ସରକାର ପ୍ରଥମେ ଚିନ୍ତା କରନ୍ତୁ ବୋଲି ମହିଳାମାନେ କହିଛନ୍ତି।

### ଆନ୍ଦୋଳନକୁ ଜୋରଦାର କରିବୁ

୨୦ବର୍ଷର ଶାସନ କାଳରେ ନବୀନ ସରକାର ପୁରୀବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ପାରିଲେ ନାହିଁ। ଡ୍ରେନେଜ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଅସରାଏ ବର୍ଷାରେ ଲୋକଙ୍କ ଘରେ ପାଣି ପଶୁଛି। ଉନ୍ନତମାନର ଚିକିତ୍ସାଳୟ ନାହିଁ। ପିଲାଙ୍କ ଲାଗି ଭଲ ଖେଳପଡିଆ ନିର୍ମାଣ ହୋଇପାରିଲା ନାହିଁ। ସିଦ୍ଧ ମହାବୀର ରେଲୱେ ଓଭରବ୍ରିଜ ନିର୍ମାଣ ସରକାରଙ୍କ ଫାଇଲରେ ସୀମିତ ରହିଛି। ଅନ୍ୟପଟେ ସରକାର ଶ୍ରୀକ୍ଷେତ୍ରର ବିକାଶ ଏବଂ ମହାପ୍ରଭୁଙ୍କ ତ୍ୟାଗ ଲାଗି ଆହ୍ୱାନ ଦେଉଛନ୍ତି। ସରକାର ସହରବାସୀଙ୍କ ତ୍ୟାଗର ମୂଲ୍ୟ ବୁଝିବା ଦରକାର। ଉଚ୍ଛେଦ ନେଇ ସ୍ଥାୟୀ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

# ରିକଭରି ଏଜେନ୍ସି ପରିଚାଳନା ନିର୍ଦ୍ଦେଶକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକ ରୋଡ,୧୨।୯(ଡି.ଏନ୍.ଏ.)

ବଡ଼ଗଡ଼ ଥାନା ପୋଲିସ ଗୁରୁବାର ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କାର୍ଯ୍ୟାଳୟ ପରିସରରୁ ପରିଚାଳନା ନିର୍ଦ୍ଦେଶକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଧୀନ ନିହଲ ପ୍ରସାଦ ଅଞ୍ଚଳର ଶକ୍ତିମୟ ଭୂୟାଁ(୫୨)। ସୂଚନା ଅନୁଯାୟୀ, କେତେକ ଅର୍ଥଲଗାଣକାରୀ ସଂସ୍ଥାର କଲେକ୍ସନ ଓ ରିକୋଭରି ଏଜେନ୍ସି ନେଇଥିବା ଶକ୍ତିମୟଙ୍କ ଗୌତମନଗର ଅଞ୍ଚଳରେ କାର୍ଯ୍ୟାଳୟ ରହିଛି। ପ୍ରାୟ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ଏହି ଏଜେନ୍ସି ଚଳାଇ ଆସୁଥିଲେ। ବୁଧବାର ରାତିରେ ଶକ୍ତିମୟ ଗୌତମ ନଗରରେ ଥିବା ଅନ୍ୟ ଏକ କଲେକ୍ସନ ଏଜେନ୍ସି କାର୍ଯ୍ୟାଳୟକୁ ଆସିଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଉକ୍ତ କର୍ମଚାରୀ କାର୍ଯ୍ୟାଳୟକୁ ଆସିବା ପରେ ଶକ୍ତିମୟ ଏକ କୋଠରୀରେ ରଶିରେ ଝୁଲୁଥିବା ଦେଖିଥିଲେ। କୋଠରୀ ଭିତର ପଟୁ କବାଟ ବନ୍ଦ ଥିବା ଦେଖି ପୋଲିସକୁ ଖବରଦେଇଥିଲେ। ଖବରପାଇ ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ବ୍ୟବଚ୍ଛେଦ ପାଇଁ ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୧୯)ରୁଜୁ ହୋଇଛି। ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ବୋଲି ପୋଲିସ କହିଛି।




## ■ ସମ୍ବଲପୁର ରେଳ ଡିଭିଜନର ଗୁରୁତ୍ୱପୂର୍ଣ୍ଣ ବୈଠକ

# କଣ୍ଟାବାଞ୍ଜିରେ ୱାଗନ ଫ୍ୟାକ୍ଟ୍ରି ପ୍ରସ୍ତାବ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

- ସମ୍ବଲପୁର-ପୁରୀ ଇଣ୍ଟରସିଟି ବରଗଡ଼କୁ ଚଳାଚଳ
- ସମ୍ବଲପୁର ଜଙ୍କଶନ-ସିଟି ଭିତରେ ମଡେଲ ଲିଙ୍କ୍ ରୋଡ

ପୂର୍ବତଟ ରେଳପଥର ସମ୍ବଲପୁର ଡିଭିଜନର ଉନ୍ନତି ପାଇଁ ଗୁରୁବାର ସମ୍ବଲପୁର ହୋଟେଲ ଗ୍ରାଣ୍ଡ ଶିବାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଭିଜନର ଆଭ୍ୟନ୍ତରୀଣ ଓ ବାହ୍ୟ ବିକାଶ କରିବା ସହ ଅନ୍ୟ ସହରଗୁଡିକୁ ରେଳ ସଂଯୋଗ ନେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ ହୋଇଥିଲା। ଏଥିମଧ୍ୟରେ ମୁଖ୍ୟତଃ କଣ୍ଟାବାଞ୍ଜିରେ ୱାଗନ ନିର୍ମାଣ, ସମ୍ବଲପୁର ଷ୍ଟେଶନରେ ଟିକେଟ କାଉଣ୍ଟର ସଂଖ୍ୟା ବୃଦ୍ଧି, ସମ୍ବଲପୁର-ପୁରୀ ଇଣ୍ଟରସିଟି ବରଗଡ଼ ପର୍ଯ୍ୟନ୍ତ ଚଳାଚଳ ଆଦି ପ୍ରସ୍ତାବ ରଖାଯାଇଥିଲା। ବୈଠକରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ସମ୍ବଲପୁର ଏମପି ନୀତେଶ ଗଙ୍ଗଦେବ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂ ଦେଓ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଛତିଶଗଡର ମହାସମୁନ୍ଦ ଏମ୍‌ପି ଚୁନିଲାଲ ସାହୁ, ରାଜ୍ୟ ସଭା ସଦସ୍ୟ ଏନ. ଭାସ୍କର ରାଓ ଏବଂ ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ ରହି ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ରଖିଥିଲେ। ବରଗଡ ଏମ୍‌ପି ସୁରେଶ ପୂଜାରୀ ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବରଗଡ ରୋଡ କିମ୍ବା ବଲାଙ୍ଗୀର ପର୍ଯ୍ୟନ୍ତ ଚଳାଚଳ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ବଲାଙ୍ଗୀରରୁ ପ୍ରୟାଗରାଜ ଓ ବଲାଙ୍ଗୀରରୁ ଭୁବନେଶ୍ୱରକୁ ନୂଆ ଟ୍ରେନ ଆରମ୍ଭ, ବରଗଡ ରୋଡ ଷ୍ଟେଶନର ପ୍ଲାଟଫର୍ମ ୨କୁ ପ୍ରଶସ୍ତୀକରଣ, ଅତାବିରା, ବରପାଲି, ଗୋଡଭଗା ଷ୍ଟେଶନର ପ୍ଲାଟଫର୍ମ ୨ରେ ଶେଡ ନିର୍ମାଣ ଏବଂ ବରଗଡ଼ ରୋଡ୍‌ରେ ପାଣି ସୁବିଧା, ସମ୍ବଲପୁର ଓ ସମ୍ବଲପୁର ସିଟି, ରେଢ଼ାଖୋଲ ଓ ବାମୁର ଷ୍ଟେଶନର ଫାଟକରେ ଆଲୋକ ବ୍ୟବସ୍ଥା ପ୍ରସ୍ତାବ ରହିଛି। ସେହିଭଳି ସମ୍ବଲପୁରର ଉଭୟ ଫାଟକରେ କୋଚ ଡିସପ୍ଲେ, ବରଗଡ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନର ରହଣି ସୀମା ୫ମିନିଟକୁ ବୃଦ୍ଧି, ଡୁଙ୍ଗୁରିପାଲି ମାଲବାହୀ ଷ୍ଟେଶନରେ ଶେଡ ନିର୍ମାଣ, ଅତାବିରା ଷ୍ଟେଶନରେ ନାଗୱାଲି ଏକ୍ସପ୍ରେସ ରହଣି ଆଦି ପ୍ରସ୍ତାବ ପୂଜାରୀ ବୈଠକରେ ରଖିଛନ୍ତି। ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ସମ୍ବଲପୁର ଜଙ୍କସନରୁ ସମ୍ବଲପୁର ସିଟି ଭିତରେ ମଡେଲ ଲିଙ୍କ ରୋଡ, ସମ୍ବଲପୁର ଉଭୟ ଷ୍ଟେଶନରେ ୮ଘଣ୍ଟା ଆରପିଏଫ ମୁତୟନ, ସମ୍ବଲପୁର ଷ୍ଟେଶନରେ ଅଧିକ ଟିକଟ ଗୃହ ନିର୍ମାଣ ଆଦି ପ୍ରସ୍ତାବ ଦେଇଛନ୍ତି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନିର୍ମାଣ ଶୀଘ୍ର ସାରିବାକୁ, କଣ୍ଟାବାଞ୍ଜିରେ ୭୫୦ ଏକର ରେଲୱେ ଜମିରେ ୱାଗନ ଫ୍ୟାକ୍ଟ୍ରି ନିର୍ମାଣ, କଣ୍ଟାବାଞ୍ଜି ପର୍ଯ୍ୟନ୍ତ ଇସ୍ପାତ ଏକ୍ସପ୍ରେସ, ଭୁବନେଶ୍ୱର-ସମ୍ବଲପୁର ଇଣ୍ଟରସିଟିକୁ ବଲାଙ୍ଗୀର ପର୍ଯ୍ୟନ୍ତ ଚଳାଚଳ, ସମତା ଏକ୍ସପ୍ରେସକୁ ହରିୟାଣାର ଭିୱାନୀ ପର୍ଯ୍ୟନ୍ତ ଚଳାଚଳ, ଦୁର୍ଗ-ଜଗଦଲପୁର ଏକ୍ସପ୍ରେସର ହରିଶଙ୍କର ରୋଡରେ ରହଣି ଆଦି ପ୍ରସ୍ତାବ ଦେଇଛନ୍ତି। ସପ୍ତଗିରି ଉଲାକା ମୁନିଗୁଡା, ଡୋଇକାଲୁ ଷ୍ଟେଶନ ପାଖରେ ଅଣ୍ଡରଗ୍ରାଉଣ୍ଡ ପ୍ୟାସେଜ ନିର୍ମାଣ, ଥେରୁବାଲି-ପୁଲମା ଲେଭଲ କ୍ରସିଂର ଉଭୟ ପାର୍ଶ୍ୱରେ ଶେଡ ନିର୍ମାଣ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ଏ ସମ୍ପର୍କରେ ରେଲୱେ ବୋର୍ଡରେ ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।




# ପୂର୍ବତନ କଣାସ ବ୍ଲକ ଅଧ୍ୟକ୍ଷଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପୁରୀ ଅଫିସ,୧୨।୯:** କୁମ୍ଭାରପଡ଼ା ଥାନା ଦତ୍ତତୋଟାରୁ ଗୁରୁବାର ରାତିରେ ପୋଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଗୋବିନ୍ଦ ଚନ୍ଦ୍ର ସାହୁ। ସେ କଣାସ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଓ ଜିଲାପରିଷଦ ସଭ୍ୟ ଥିଲେ। ଗତ କିଛିଦିନ ହେବ ଦତ୍ତତୋଟା ଅଞ୍ଚଳରେ ସେ ଘରଭଡା ନେଇ ରହୁଥିଲେ। ପାରିବାରିକ ଅଶାନ୍ତି କିମ୍ବା ଆର୍ଥିକ ଅନଟନରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ■ ଐତିହ୍ୟ ପରିସରକୁ ସ୍ୱଚ୍ଛ ରଖିବା ଚିନ୍ତା

# ଜନସାଧାରଣଙ୍କୁ ସଚେତନ କରିବ ଏଏସ୍ଆଇ

ଭୁବନେଶ୍ୱର ୧୨।୯(ବ୍ୟୁରୋ)

ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଐତିହ୍ୟସ୍ଥଳୀ ଓ ପୁରାତନ କୀର୍ତ୍ତିରାଜି ପରିସରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଲାଗି ଜନସାଧାରଣଙ୍କୁ ସଚେତନ କରିବ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)। ବିଶେଷକରି ସ୍ଥାନୀୟ ଲୋକ, ଯୁବପିଢି ଏବଂ ଛାତ୍ରୀଛାତ୍ରମାନଙ୍କୁ ଏ ଦିଗରେ ସଚେତନ କରି କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ଉତ୍ସାହିତ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଏବଂ ଅପରିଚ୍ଛନ୍ନତା ମୁଣ୍ଡବ୍ୟଥାର କାରଣ ହେଉଥିବାବେଳେ ସ୍ୱଚ୍ଛତା ପଖ୍‌ୱାଡା ପାଳନ ଅବସରରେ ଏଦିଗରେ ପଦକ୍ଷେପ ନିଆଯିବ। ଏଥିଲାଗି ଏଏସ୍ଆଇ ଭୁବନେଶ୍ୱର ସର୍କଲ ପକ୍ଷରୁ ରାଜ୍ୟରେ ଥିବା କେନ୍ଦ୍ରୀୟ ସଂରକ୍ଷିତ କୀର୍ତ୍ତିରାଜିଗୁଡ଼ିକ ପରିସରରେ ଆସନ୍ତା ସେପ୍ଟେମ୍ବର ୧୬ରୁ ୩୦ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସୁପରଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲିକ ସୂଚନା ଦେଇଛନ୍ତି।

ସେପ୍ଟେମ୍ବର ୧୬ରେ ଖଣ୍ଡଗିରି ଉଦୟଗିରି ପରିସରରୁ ସ୍ୱଚ୍ଛତା ପଖ୍‌ୱାଡା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ଏହାପରେ ୧୭ରେ ରାମେଶ୍ୱର ମନ୍ଦିର ପରିସର ସଫା କରାଯିବା ସହ ସ୍ଥାନୀୟ ଲୋକଙ୍କୁ ଐତିହ୍ୟ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ବୁଝାଯିବ। ୧୮ରେ ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଛାତ୍ରମାନଙ୍କୁ ନେଇ ଯମେଶ୍ୱର ମନ୍ଦିର ପ୍ରାଙ୍ଗଣ ପରିଷ୍କାର କରାଯିବାକୁ ଥିବାବେଳେ ୧୯ରେ ପର୍ଶୁରାମେଶ୍ୱର ମନ୍ଦିରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯିବ। ଏହାବ୍ୟତୀତ ବିଭିନ୍ନ ଦିନରେ କୋଣାର୍କ ମ୍ୟୁଜିୟମ୍, ବ୍ରହ୍ମେଶ୍ୱର ମନ୍ଦିର, ରତ୍ନଗିରି, ଲିଙ୍ଗରାଜ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଲଳିତଗିରି, ରାଜାରାଣୀ ମନ୍ଦିର, ଉଦୟଗିରି ଉତ୍‌ଖନନସ୍ଥଳୀ ଏବଂ ମୁକ୍ତେଶ୍ୱର ମନ୍ଦିର ଭଳି ଐତିହ୍ୟସ୍ଥଳୀରେ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ, ବୃକ୍ଷରୋପଣ, ଫଟୋ ପ୍ରଦର୍ଶନୀ, ସଚେତନତା ଅଭିଯାନ, ସଚେତନତା ଶୋଭାଯାତ୍ରା ଆଦିର ଆୟୋଜନ କରାଯିବ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।"
- ଲାମାର୍ଟିନ



## ସଂକ୍ଷେପରେ

### ବିଷାକ୍ତ ମଦ ପିଇ ଯୁବକ ଗୁରୁତର

**ମାହାଙ୍ଗା:୧୨।୯(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ଆନନ୍ଦପୁର(ଖଣ୍ଡହତା) ଗ୍ରାମର ଜଣେ ଯୁବକ ଗୁରୁବାର ଚୋରା ବିଷାକ୍ତ ମଦ ପିଇ ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେ ହେଲେ ଶଙ୍କର ଲେଙ୍କା (୩୨)। ଏହାକୁ ବିରୋଧକରି ବିଷାକ୍ତ ମଦ ବିକ୍ରି କରିଥିବା ବ୍ୟବସାୟୀଙ୍କ ବିରୋଧରେ ଗ୍ରାମର ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି। ଜୟନ୍ତୀ ଲେଙ୍କା,ଅନ୍ନପୂର୍ଣ୍ଣା ପରିଡ଼ା,ଗୀତାଞ୍ଜଳି ପରିଡା,ତରୁଲତା ପରିଡା,ସଂଯୁକ୍ତା ଲେଙ୍କା ଓ ତନୁଜା ପ୍ରତାପ ପ୍ରମୁଖ ଏକାଠି ହୋଇ ଏହି ଅଭିଯୋଗ ପତ୍ର ଦାଖଲ କରିଥିଲେ। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ୪ ଗ୍ରାମରେ ଅବକାରୀ ଚଢ଼ାଉ: ୪ ଗିରଫ

**ସାଲେପୁର,୧୨।୯ (ଡି.ଏନ୍.ଏ.):** ସାଲେପୁର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୩୫ ବୋତଲ ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ମାମଲା (ନଂ.୩୭,୩୮,୨୬,୨୭/୧୯)ରୁଜୁ କରାଯାଇଛି। ଏନେଇ ଅଭିଯୁକ୍ତ କଟରପା ଗ୍ରାମର କୈଳାସ ଚନ୍ଦ୍ର ବେହେରା(୩୮), ସ୍ୱପ୍ନେଶ୍ୱର ବେହେରା(୪୮), ଓଡ଼ାସିଂହ ଗ୍ରାମର ପ୍ରଭଞ୍ଜନ ବେହେରା (୫୨) ଓ ରେବା ଗ୍ରାମର ଗୌତମ ସାମଲ(୩୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ଯଥାକ୍ରମେ ୨୦,୨୫,୪୦ଏବଂ୫୦ ବୋତଲ ଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ନିରୀକ୍ଷକ ପ୍ରଦୀପ ସାମଲ, ସାଲେପୁର ଅବକାରୀ ଉପ-ନିରୀକ୍ଷକ ତେଲେଶ୍ୱର ଲାକ୍ରା, ସହ-ଉପନିରୀକ୍ଷକ ଶରତ ଚନ୍ଦ୍ର ଜେନା, ଅବକାରୀ ସିପାହୀ ସୁନୀଲ୍ କୁମାର ବଳ, ନିରଞ୍ଜନ ଖଟୁଆ, ସନାତନ ବେହେରା, ମେନେକା ସିଂହ ଓ ଚୈତନ୍ୟ ମାଝି ପ୍ରମୁଖ ସାମିଲ ହୋଇଥିଲେ।

### ଜାଲରେ ଫସିଲା ୮ଫୁଟର ଢମଣା

**ବାଙ୍କୀ,୧୨।୯(ସ୍ୱ.ପ୍ର.):** ବାଙ୍କୀଗଡ଼ର ସନ୍ତ ବେହେରାଙ୍କ ଘରେ ଜାଲରେ ଫସିରହିଥିବା ଏକ ୮ଫୁଟର ଢମଣାକୁ ଗୁରୁବାର ସ୍ନେକ୍ ହେଲ୍‌ପଲାଇନ୍ ସଦସ୍ୟମାନେ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ଏହି ଗ୍ରାମଟି ନଦୀକୂଳରେ ଥିବାରୁ ଘରେ ବାରମ୍ବାର ସାପ ପଶୁଥିବା ଦେଖିବାକୁ ମିଳୁଛି। ଏଥିରୁ ରକ୍ଷା ପାଇବା ପାଇଁ ଲୋକେ ଘର ଚତୁଃପାର୍ଶ୍ୱରେ ଜାଲ ଘେରାଇଛନ୍ତି। ସନ୍ତଙ୍କ ଘର ପାର୍ଶ୍ୱରେ ଜାଲରେ ଏକ ଢମଣା ଫଶିଯାଇଥିଲା। ଖବରପାଇ ସ୍ନେକ୍ ହେଲ୍‌ପଲାଇନ୍ ସଂଯୋଜକ ଲଳିତ ମୋହନ ପଣ୍ଡା ଓ ସଦସ୍ୟ ଦୁର୍ଗାମାଧବ ମହାପାତ୍ର ପହଞ୍ଚି ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ବର୍ଷାରେ ଧୋଇଗଲା ମହାନଦୀ ମାଳବନ୍ଧ

**ନରସିଂହପୁର,୧୨।୯(ଡି.ଏନ୍.ଏ.)**



- ୩ କିଲୋମିଟର ପର୍ଯ୍ୟନ୍ତ ବହୁ ସ୍ଥାନରେ ଧସିଗଲା ଅତଡ଼ା
- ନିମ୍ନମାନର କାମ ହୋଇଥିବା ଅଭିଯୋଗ
- ୩ ମାସ ପୂର୍ବେ ହୋଇଥିଲା ମରାମତି
- ଆନ୍ଦୋଳନ ଲାଗି ଚେତାବନୀ

୨ ଦିନ ଧରି ଲଗାଣବର୍ଷାରେ ନରସିଂହପୁରସ୍ଥିତ ମହାନଦୀ ମାଳବନ୍ଧ ବୁଧବାର ରାତିରେ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଧୋଇ ହୋଇଯାଇଛି। ଘୋରାଡିଆ ଗ୍ରାମରୁ ଭାଲିଆଡିହ ଗ୍ରାମ ପର୍ଯ୍ୟନ୍ତ ବହୁ ସ୍ଥାନରେ ବନ୍ଧ ଆତଡା ଧସି ନଦୀରେ ଲୀନ ହୋଇଯାଇଛି। ନିମ୍ନମାନର କାମଯୋଗୁ ନଦୀବନ୍ଧ ଧୋଇଯାଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ଘୋରାଡିଆ, ବରହମପୁରା ଓ ଭାଲିଆଡିହ ଗ୍ରାମବାସୀ ଭୟଭୀତ ହୋଇଯାଇଛନ୍ତି ।

ସ୍ଥାନୀୟ ଗ୍ରାମବାସୀ ପ୍ରତାପ ବେହେରାଙ୍କ କହିବାନୁସାରେ, ୩ ମାସ ତଳେ ଏହି ମାଳବନ୍ଧ ନିର୍ମାଣ ହୋଇଥିଲା। ପୂର୍ବରୁ ବନ୍ଧରେ ଦୋରସା ମାଟି ପଡିଥିବା ବେଳେ ଏବେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ବନ୍ଧ ମରାମତି ହୋଇଥିଲା। ମାତ୍ର ଏଠାରେ ମହାନଦୀ କୂଳର ବାଲିଆ ମାଟି ପକାଇ ଟଙ୍କା ନେଇ ଠିକାଦାର ପଳାଇଯାଇଛି । ଏହି ବନ୍ଧ ନିର୍ମାଣ ପରେ ନଦୀକୂଳରେ ରହୁଥିବା ଗ୍ରାମବାସୀ ବନ୍ୟା ଦାଉରୁ ରକ୍ଷା ପାଇପାରୁଥିଲେ। ଏଥିସହ ଧାନଜମି ବାଲିଚରରୁ ବର୍ତ୍ତି ଯାଉଥିଲା। ମାତ୍ର ନଦୀବନ୍ଧ ଧସିଯିବା ପରେ ସମସ୍ତେ ଭୟଭୀତ ହୋଇଯାଇଛନ୍ତି ବୋଲି ବେହେରା କହିଛନ୍ତି।

ସେହିପରି ଗ୍ରାମର ଲୋକ ଶଙ୍କର କୁହନ୍ତି, ୧୯୩୨ରେ ମାଳବନ୍ଧ ନରସିଂହପୁର ରାଜା ଏହି ବନ୍ଧ ନିର୍ମାଣ କରିଥିଲେ। ରାଜା ତାଙ୍କ ହାତୀ ଲଗାଇ ଗହୀର ଜମିରୁ ମାଟି ଆଣି ଲୋକଙ୍କ ଦ୍ୱାରା ଏହି ବନ୍ଧ ତିଆରି କରିଥିଲେ। ମହାନଦୀରେ ବନ୍ୟା ଆସିଲେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କଠାରୁ ଆରମ୍ଭ କରି ଗୋରୁ ପର୍ଯ୍ୟନ୍ତ ସଭିଏଁ ସେହି ବନ୍ଧ ଉପରେ ଆଶ୍ରୟ ନେଉଥିଲେ। କିଛି ମାସ ପୂର୍ବେ ବନ୍ଧ ମରାମତି ହୋଇଥିଲା। ମାତ୍ର ଏହି ସମୟରେ ବିଭାଗୀୟ ଅଧିକାରୀ ନିର୍ମାଣ କାର୍ଯ୍ୟର ତଦାରଖ କରି ନ ଥିଲେ। ଏହାର ସୁଯୋଗ ନେଇ ଠିକାସଂସ୍ଥା ବନ୍ଧରେ ନିମ୍ନମାନର ପକାଇଦେଇଛି। କଟକ ଜିଲାପାଳ, ଜଳ ସମ୍ପଦ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ନଦେଲେ ଆଗ୍ରାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏସମ୍ପର୍କରେ ଜଳ ସମ୍ପଦ ବିଭାଗୀୟ ଯନ୍ତ୍ରୀଙ୍କ ନରସିଂହପୁର ଟାଉନସ୍ଥିତ କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିବା ବେଳେ ସେଠାରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା।

## ଜିଲାପାଳଙ୍କ ଆଠଗଡ଼ ଗସ୍ତ
# ମିଶନ ଜିରୋ-ଏଫ୍ ସମୀକ୍ଷା

**ଆଠଗଡ଼,୧୨।୯,(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚଇନୀ ଗୁରୁବାର ଆଠଗଡ଼ ବ୍ଲକ ଗସ୍ତ କରି ଏକ ଶିକ୍ଷାନୁଷ୍ଠାନର ପାରିପାର୍ଶ୍ୱିକ କାର୍ଯ୍ୟ ବୁଲି ଦେଖିବା ସହ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରଧାନଶିକ୍ଷକମାନଙ୍କ ସମ୍ମିଳନୀରେ ଯୋଗଦେଇ ସରକାରଙ୍କର ମିଶନ ଜିରୋ-ଏଫ୍ ସମୀକ୍ଷା କରିଥିଲେ। ଜିଲାପାଳ ଚଇନୀ ପ୍ରଥମେ ଆରତୀ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀ ଗସ୍ତ କରି କମ୍ପାନୀର ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ଘଣ୍ଟିଖାଲ ନିଧିପୁର ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିଥିଲେ। ଉକ୍ତ ବିଦ୍ୟାଳୟର ପରିତ୍ୟକ୍ତ ଶ୍ରେଣୀଗୃହକୁ ଦେଖି ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଏହାକୁତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ମାଧବପୁରସ୍ଥିତ ଆଦିବାସୀ, ହରିଜନ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବାଳିକା ଉଚ୍ଚ ବିଦ୍ୟାଳୟର ପରିଦର୍ଶନ କରିଥିଲେ। ଅପରାହ୍ନରେ ବିଶ୍ୱନାଥ ବିଦ୍ୟାପୀଠରେ ଆୟୋଜିତ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ସେ ଯୋଗଦେଇଥିଲେ। ଆଠଗଡ଼ରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ସମ୍ବନ୍ଧରେ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରକୁ ଭିତ୍ତି କରି ମାଟ୍ରିକ ପରୀକ୍ଷା ଫଳ ସମୀକ୍ଷା କରିଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷାଫଳ ଭଲ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଭଲଭାବେ ଶିକ୍ଷାଦାନ ଓ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଠଗଡ଼ ପ୍ରଶାସନିକ ଓ ରାଜସ୍ୱ ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଉପଜିଲାପାଳ ଅମୀୟ କୁମାର ସାହୁ, ଅଜାମ୍ବର ମହାନ୍ତି, ନିରଞ୍ଜନ ବେହେରା, ଅକ୍ଷୟ କୁମାର ଷଡଙ୍ଗୀ, ଅକ୍ଷୟ କୁମାର ନାୟକ ଓ ଡ.ଦୁର୍ଗାଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୫୦ କେଜିର ଲଡୁ ନିଲାମ




ଲଡୁ ନିଲାମ ଉତ୍ସବରେ ଯୋଗଦେଇଥିବା ଅତିଥି।

**ଟିଗିରିଆ, ୧୨।୯ (ଡି.ଏନ୍.ଏ.)**

ଟିଗିରିଆ ନୂଆପାଟଣାର ଷ୍ଟ୍ରିମ ଲାଇନ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଗଣେଶ ପୂଜାର ଲଡୁ ନିଲାମ ଉତ୍ସବ ଓ ଭସାଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ପରିସରରେ ଆୟୋଜିତ ଏହି ଉତ୍ସବରେ ଗଣପତିଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିବା ୫୦ କିଲୋ ଓଜନର ଲଡୁ ନିଲାମ ହୋଇଥିଲା। ସନ୍ତୋଷ କୁମାର ନାୟକ ୧୯ହଜାର ୫୦୦ ଟଙ୍କାରେ ଏହି ଲଡୁ ନିଲାମ ନେଇଥିଲେ। ଉତ୍ସବରେ ଅବସରପ୍ରାପ୍ତ କ୍ରିଡ଼ା ଶିକ୍ଷକ ଗୋବନ୍ଦ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥୀ ନନ୍ଦ, ସମିତି ସଭ୍ୟ ସଞ୍ଜୟ କର, ନୂଆପାଟଣା ନଂ-୧ ହସ୍ତତନ୍ତ ସମିତି ସଭାପତି ମହେନ୍ଦ୍ର କୁଣ୍ଟୁ ଓ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦତ୍ତ ଯୋଗଦେଇଥିଲେ। ଉତ୍ସବକୁ ଷ୍ଟ୍ରିମ ଲାଇନ କ୍ଲବର ସଭାପତି ପ୍ରକାଶ ଦାସ, ସମ୍ପାଦକ ସୁଧୀର ସାହୁ, କୋଷାଧ୍ୟକ୍ଷ ଅଭୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟୟ
# ନବନିର୍ମାଣ କୃଷକ ସଂଗଠନର ଧାରଣା



ଧାରଣାରେ ସାମିଲ ହୋଇଥିବା ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟ।

**ଟିଗିରିଆ,୧୨।୯(ଡି.ଏନ୍.ଏ.)**

ଟିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇପଡିଛି। ଏହାର ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନ ଟିଗିରିଆ ପକ୍ଷରୁ ଗୁରୁବାରଠାରୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି। ନବ ନିର୍ମାଣ କୃଷକ ସଂଗଠନର ଯୁବ ସଂଯୋଜକ ଅଜିତ ଦାଶ ଏହାର ନେତୃତ୍ୱ ନେଉଛନ୍ତି। ସଂଗଠନର ସଦସ୍ୟମାନେ ଟିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଆଦର୍ଶ ଗ୍ରାମୀଣ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ସଂଗଠନ ପକ୍ଷରୁ ୭ ଦଫା ଦାବି ପୂରଣ କରିବାକୁ ଦାବି କରାଯାଇଛି। ପୂର୍ବରୁ ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧି ଏବଂ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଗଣଧାରଣା କରାଯିବ ବୋଲି ସେତେବେଳେ ଚେତାବନୀ ଦିଆଯାଇଥିଲା। ମାତ୍ର ଏନେଇ କୌଣସି ପଦକ୍ଷେପ ନିଆ ନଯିବାରୁ ସଂଗଠନ ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଛି। ଏହି ଧାରଣାରେ ତ୍ରିବିକ୍ରମ ଦାଶ, ସଚ୍ଚିନ୍ଦ୍ର ଦାସ, ଜୟକୃଷ୍ଣ ବେହେରା, ଅଶୋକ ବେଉରା ଓ ମହେନ୍ଦ୍ର ଦାସ ପ୍ରମୁଖ ସାମିଲ ହୋଇଛନ୍ତି।

### ଡା. ବଂଶୀଧର ଦାସଙ୍କ ପରଲୋକ

**ସାଲେପୁର,୧୨।୯(ଡି.ଏନ୍.ଏ)**

ସାଲେପୁର ଅଞ୍ଚଳର ସୁନାମଧନ୍ୟ ଡାକ୍ତର ବଂଶୀଧର ଦାସ(୭୦)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ବର୍ଷଧରି ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟ ଚିକିତ୍ସା ଅଧିକାରୀଭାବେ କାର୍ଯ୍ୟ କରିଥିଲେ। ପରେ କେନ୍ଦ୍ରାପଡ଼ା କେନ୍ଦ୍ରାପଡ଼ା ଜିଲା ଚିକିତ୍ସା ଅଧିକାରୀଭାବେ କାର୍ଯ୍ୟ କରିବା ସହ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ଅବସର ନେଇଥିଲେ। ଅବସର ପରେ ମାଛୁଆତିଠାରେ ଥିବା ବାସଭବନରେ ଏକ କ୍ଲିନିକ୍ ଖୋଲି ରୋଗୀମାନଙ୍କୁ ଚିକିତ୍ସାସେବା ଯୋଗାଇଦେଉଥିଲେ। ତାଙ୍କ ବିୟୋଗରେ ସାଲେପୁର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଡାକ୍ତର କିଶୋର ଚନ୍ଦ୍ର ଦାସ, ଅକ୍ଷୟ କୁମାର ଦାଶ, ସଚ୍ଚିଦାନନ୍ଦ ମିଶ୍ର, ବିଜୟ କେତନ ନାୟକ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ପାଞ୍ଚ ପରିବାର ଜଳବନ୍ଦୀ, ଆନ୍ଦୋଳନ ଚେତାବନୀ

**ନରସିଂହପୁର,୧୨।୯ (ଡି.ଏନ୍.ଏ.)**

ଲଗାଣ ବର୍ଷାରେ ନରସିଂହପୁର ବ୍ଲକ ଅନ୍ତର୍ଗତ କନ୍ଧବେରେଣୀ ଗ୍ରାମର ୫ ପରିବାର ଗୁରୁବାର ଜଳବନ୍ଦୀ ହୋଇଯାଇଛନ୍ତି। ଏହି ଗ୍ରାମର ଗୋକୁଳ ଚନ୍ଦ୍ର ଦେହୁରୀ, ପ୍ରଭାକର ଦେହୁରୀ, ସୁବାସ ଚନ୍ଦ୍ର ଦେହୁରୀ, ରବିନ୍ଦ୍ର ଦେହୁରୀ ଓ ଦାମୋଦର ମହାକୁଡଙ୍କ ଘର ଚାରିପାଖରେ ୨ ଫୁଟ ଉଚ୍ଚର ପାଣି ଜମି ରହିଛି। ଫଳରେ ଘରୁ ବାହାରିବା ମୁସକିଲ ହୋଇଯାଇଥିବାବେଳେ ଭିତରେ ଅପରିଷ୍କାର ପାଣି ପ୍ରବେଶ କରୁଛି। କନ୍ଧବେରେଣୀ ଠାରୁ ନୂଆ ସୋଲବନ୍ଧ ଆଡକୁ ଯାଇଥିବା ରାସ୍ତାରେ ଜଳ ନିଷ୍କାସନ ଠିକ୍‌ଭାବେ ହେଉନଥିବା ଯୋଗୁ ବର୍ଷାଜଳ ଜମି ରହିଛି ସେମାନେ ଅଭିଯୋଗ କରିଛନ୍ତି । ଏହି ରାସ୍ତା ତିଆରି ବେଳେ ଡ୍ରେନେଜ ପାଇପ ନ ବସାଇ ସମ୍ପୃକ୍ତ ଠିକାଦାର ତରବରିଆ ଭାବେ କାମ କରି ଚାଲିଯାଇଛି। ଏହି ରାସ୍ତାର ୨ ପାର୍ଶ୍ୱରେ ସରକାରୀ ଜମିଥିଲେ ମଧ୍ୟ କେତେଜଣ ଏହାକୁ ଜବରଦଖଲ କରି ରଖିଛନ୍ତି। ଫଳରେ ଏଭଳି ସମସ୍ୟା ଉପୁଜୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏନେଇ କ୍ଷତିଗ୍ରସ୍ତ ପରିବାରଲୋକେ ନରସିଂହପୁର ତହସିଲଦାର ରାଜ କିଶୋର ଜେନା ଏବଂ ବ୍ଲକ ଭାରପ୍ରାପ୍ତ ଅଧିକାରୀ ବିଡିଓ ଭରତ କୁମାର ବେହେରାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## କିରୋସିନ ଢାଳି ଭାଉଜଙ୍କୁ ପୋଡ଼ି ମାରିବା ମାମଲାର ରାୟ
# ନଣନ୍ଦଙ୍କୁ ଆଜୀବନ କାରାଦଣ୍ଡାଦେଶ

**ସାଲେପୁର,୧୨।୯ (ଡି.ଏନ୍.ଏ)**

ସାଲେପୁର କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଗୁରୁବାର କିରୋସିନ ପୋଡ଼ି ହତ୍ୟା କରିବା ମାମଲାର ରାୟ ଦେଇଛନ୍ତି। ଏଥିରେ ଅଭିଯୁକ୍ତ ନଣନ୍ଦ ସନ୍ଧ୍ୟାରାଣୀ ଗାଗରାଇ(୨୭) ଓରଫ ଡଲିଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ କାରାଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ୬ମାସ ଦଣ୍ଡ ଭୋଗିବାକୁ ଦୌରାଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ, ଗତ ୨ବର୍ଷ ତଳେ ଜଗତପୁର ଥାନା ଚମ୍ପତି ପଞ୍ଚାୟତ ଅନ୍ତର୍ଗତ ସୁନାରିବଣ ଗ୍ରାମରେ ରଜନୀ ଗାଗରାଇଙ୍କ ମୃତ୍ୟୁ ଘଟିଥିଲା। ପୂର୍ବ ରାଗରୁ ତାଙ୍କ ଦେହରେ କିରୋସିନ ଢ଼ାଳି ନଣନ୍ଦ ଡଲି ନିଆଁ ଲଗେଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ରଜନୀଙ୍କ ମା' ମିନି ସାଏ ଜଗତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ରଜନୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଥିଲା। ଏହି ଘଟଣାରେ ନଣନ୍ଦ ଦାୟୀ ବୋଲି ସେ କହିଥିଲେ। ଏହାକୁ ଭିତ୍ତିକରି ୧୧ ସେପ୍ଟେମ୍ବର ୨୦୧୭ରେ ଥାନାରେ ମାମଲା (ନଂ,୧୯୨/୧୭)ରୁଜୁ କରାଯାଇ ଅଭିଯୁକ୍ତ ଡଲିଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ସେ ସେବେଠାରୁ ଜେଲ୍‌ରେ ଥିବାବେଳେ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଆଧାରକରି ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଦିଆଯାଇଛି।

# ପୂର୍ବତନ ମନ୍ତ୍ରୀ ଯୋଗେଶ ରାଉତଙ୍କ ଶ୍ରାଦ୍ଧୋତ୍ସବ

**ବାଙ୍କୀ,୧୨।୯(ସ୍ୱ.ପ୍ର./ବି.ପ୍ର.)**

ପୂର୍ବତନ ବିଧାୟକ ତଥା କୃଷି ଓ ସମବାୟ ମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତଙ୍କ ୧୦ମ ଶ୍ରାଦ୍ଧୋତ୍ସବ ଗୁରୁବାର ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ତାଙ୍କ ଜନ୍ମସ୍ଥାନ ଶିଶୁଆ ଗ୍ରାମରେ ପାଳିତ ହୋଇଛି। ଗ୍ରାମ ମୁରବୀ ମେଘନାଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ସ୍ୱର୍ଗତ ରାଉତଙ୍କ ପାଇଁ ରାଜ୍ୟରେ ସମବାୟ ଜରିଆରେ ଚାଷୀଙ୍କ ଉନ୍ନତି ହୋଇପାରିଥିଲା। ଜଣେ ଭଲ ଡାକ୍ତର ଭାବେ ସେ ଗରିବ ନିରାଶ୍ରୟଙ୍କ ମାଗଣା ଚିକିତ୍ସା କରୁଥିଲେ। ତାଙ୍କ ଉଦ୍ୟମରେ ହିଁ ବାଙ୍କୀର ଉନ୍ନତି ହୋଇପାରିଥିଲା। ବାଙ୍କୀ ମହୋତ୍ସବ ସାଧାରଣ ସମ୍ପାଦକ ଗଣେଶ୍ୱର ସ୍ୱାଇଁ ମୁଖ୍ୟବକ୍ତା, ବାଙ୍କୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବାବାଜୀ ଚରଣ ଶତପଥୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଶିକ୍ଷାବିତ ମନୋଜ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କାହ୍ନୁଚରଣ ସାହୁ, ସନ୍ତୋଷ ରଣା, ସମରେନ୍ଦ୍ର ମହାପାତ୍ର, ଗୌରାଙ୍ଗ ରାଉତ, ବାସୁଦେବ ସାମଲ, ଜଗଦିଶ ପଣ୍ଡା, ସଙ୍ଗୀତ ଗୁରୁ ତ୍ରିବିକ୍ରମ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା ଧନ୍ୟବାଦ ଦେଇଥିଲେ। ପରେ ଏକ କବି ସମ୍ମିଳନୀ ହୋଇଥିଲା।

ସେହିପରି ବାଙ୍କୀ କଲେଜରେ ସ୍ୱର୍ଗତ ରାଉତଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ.ନିବାସିନୀ ପଣ୍ଡା ସ୍ୱର୍ଗତ ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ବାବାଜୀ ଚରଣ ଶତପଥୀ, ଉପାଧ୍ୟକ୍ଷ ସଦାନନ୍ଦ ବାରିକ, ମନୋଜ ମହାପାତ୍ର, ବିଭାସ ଦାସ, ଶ୍ରୀକାନ୍ତ ଦାଶ, ରବିନାରାୟଣ ପ୍ରଧାନ, ଦାସରଥି ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ଡା.ଯୋଗେଶ ଚନ୍ଦ୍ର ରାଉତ ଜୟନ୍ତୀ କମିଟି ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗଦେଇ ବାଙ୍କୀ କଲେଜ ପ୍ରତିଷ୍ଠା, ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତିରେ ରାଉତଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଶୈଳେନ୍ଦ୍ର ନାରାୟଣ ଦେଓ ମୁଖ୍ୟବକ୍ତା, ସତ୍ୟଜିତ୍ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ସାଲେପୁର ସାରସ୍ୱତ ସମାରୋହ ସମିତିର ସ୍ୱନକ୍ଷତ୍ର ଉତ୍ସବ
# ଭାଷା ହେଉଛି ସଂସ୍କୃତିର ପରିଚୟ

**ସାଲେପୁର,୧୨।୯ (ଡି.ଏନ୍.ଏ)**



ସାରସ୍ୱତ ସମାରୋହ ସମିତିର ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭାଷା ହେଉଛି ସଂସ୍କୃତିର ପରିଚୟ। ଏହାକୁ ନେଇ ଜାତି ଗର୍ବ କରିଥାଏ। ଏଣୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ସାହିତ୍ୟିକମାନେ ଆଗେଇ ଆସିବାକୁ ଅତିଥମାନେ ସାଲେପୁର ସାରସ୍ୱତ ସମାରୋହ ସମିତିର ୧୮ତମ ସ୍ୱନକ୍ଷତ୍ର ଉତ୍ସବରେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ମଧୁସୂଦନ ମଣ୍ଡପ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତି ସଭାପତି ଅକ୍ଷୟ କୁମାର ଦାଶ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସକ ରବିନାରାୟଣ ନନ୍ଦ ଯୋଗଦେଇ ସାଲେପୁର ମାଟି ହେଉଛି ଉତ୍କଳ ଗୌରବ ମଧୁବାବୁଙ୍କ ମାଟି। ଏହି ମାଟିର ସାହିତ୍ୟିକମାନେ ରାଜ୍ୟ ତଥା ଦେଶରେ ଟେକ ରଖିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଅନ୍ତର୍ଯାମୀ ମିଶ୍ର ଯୋଗଦେଇ ସାହିତ୍ୟରେ ଶୃଙ୍ଖଳା ଓ ସ୍ୱାଭିମାନ ଏବେ ଦେଖାଯାଉନାହିଁ ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ରାଜସ୍ୱ ପରିଷଦର ଯୁଗ୍ମ ସଚିବ ତଥା କବି ବ୍ରହ୍ମାନନ୍ଦ ବେହେରା ଯୋଗଦେଇ ସାହିତ୍ୟିକମାନେ ସାମାଜର ବାସ୍ତବ ଚିତ୍ର ପ୍ରକାଶ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ଶାଶ୍ୱତୀ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ -୨୦୧୯ ପଣ୍ଡିତ ଅନ୍ତର୍ଯାମୀଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ପ୍ରବଚକ ଦୀନବନ୍ଧୁ ରାଉତ, କବି ମଧୁସୂଦନ ଦାସ, ଗାଳ୍ପିକ ଡାକ୍ତର ସୁରେନ୍ଦ୍ରନାଥ ଦାଶ, ସାହିତ୍ୟିକ କାଳିନ୍ଦୀ ଚରଣ ଜେନା, ଡ.ବିଜୟଲକ୍ଷ୍ମୀ ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅଧ୍ୟାପକ ଡ ବିବେକାନନ୍ଦ ସିଂହଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ବିଷ୍ଣୁଚରଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ ସହ-ସମ୍ପାଦକ ଦୟାନିଧି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ରାଜ୍ୟସ୍ତରୀୟ କବିତା ପାଠୋତ୍ସବକୁ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଉଦ୍‌ଘାଟନ କରି ସାହିତ୍ୟ କାଳଜୟୀ ହେବାପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ଲକ୍ଷ୍ମଣ ଦାଶ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମୀରା ବେହୁରା ଓ କାକୁଲି ମଲ୍ଲିକ୍ କବିତାର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ କବି ସଦାଶିବ ଦାଶ, ଉପେନ୍ଦ୍ର ନାଥ ରଣା, ଶିକ୍ଷକ କମଳାକାନ୍ତ ମୁଦୁଲି, ବରିଷ୍ଠ ଶିକ୍ଷକ ଦତ୍ତକୃଷ୍ଣ ବେହେରା, ଗୌତମ ମହାରଣା,ଅଧ୍ୟାପିକା ମମତା ପଣ୍ଡା ଓ ସୁସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହାକୁ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟମାନେ ପରିଚାଳନା କରିଥିଲେ।



"ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।"
- ଲାମାର୍ଟିନ



■ କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ପୂଜା ପୂର୍ବରୁ ହେବ ସୀମା ବିବାଦ ସମାଧାନ

କଟକ ଅଫିସ,୧୨।୯

କମିଶନରେଟ୍ ପୋଲିସ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ସ୍ଥାନୀୟ ଶହୀଦ ଭବନଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପୂଜା କମିଟିର ସୀମା ବିବାଦ ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ପୂଜା କମିଟି ମଧ୍ୟରେ ପୂର୍ବରୁ ରହିଥିବା ସୀମା ବିବାଦକୁ ପ୍ରଥମେ ଥାନା ସ୍ତରରେ ସମାଧାନ କରାଯିବ। ଯଦି କୌଣସି ନିଷ୍କର୍ଷ ନ ବାହାରେ ତା'ହେଲେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଏହାର ସମାଧାନ କରିବେ ବୋଲି ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ପୂଜା କମିଟି ଏହି ନିଷ୍ପତ୍ତିକୁ ସମର୍ଥନ ଜଣାଇଥିଲେ। ଏହାଛଡ଼ା ଆଇନଶୃଙ୍ଖଳା ରକ୍ଷା କ୍ଷେତ୍ରରେ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ପୂଜା କମିଟିରୁ କେତେଜଣ ଯୁବ ସ୍ୱେଚ୍ଛାସେବୀ ଏହି ଦାୟିତ୍ୱରେ ରହିବେ। ପୋଲିସ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ସେମାନେ ଆଇନ ଶୃଙ୍ଖଳା ରକ୍ଷା କରିବା, ଟ୍ରାଫିକ ନିୟନ୍ତ୍ରଣ ଓ ଅନ୍ୟ ସମସ୍ତ କାର୍ଯ୍ୟରେ ପୋଲିସକୁ ସହଯୋଗ କରିବେ। ଶବ୍ଦ ପ୍ରଦୂଷଣ ଉପରେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇଛି। ଡିଜେକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଥିବା ବେଳେ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୬୦ ଡେସିବଲ ମଧ୍ୟରେ ସାଉଣ୍ଡ ସିଷ୍ଟମ ବଜାଯିବ। ଗୁରୁତ୍ୱପୂର୍ଣ୍ଣ ପୂଜା ମଣ୍ଡପଗୁଡ଼ିକରେ ସିସିଟିଭି ଲଗାଯିବାକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ସେଠାରେ ସଶସ୍ତ୍ର ପୋଲିସ ବାହିନୀ ନିୟୋଜିତ ରହିବେ। ଚାନ୍ଦା ଆଦାୟ, ନିଶାସକ୍ତ ବ୍ୟକ୍ତିଙ୍କ ଉତ୍ପାତକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। କଟକର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଓ ରାସ୍ତାଘାଟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବୈଠକରେ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ, ଡିସିପି ଅଖିଳେଶ୍ୱର ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ ସାହୁଙ୍କ ସମେତ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ପୋଲିସ କମିଶନରେଟ୍ ପକ୍ଷରୁ ଅନୁଷ୍ଠିତ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

## ପୁଣି ବିବାଦ: ବିଧାୟକ ମୋକିମଙ୍କୁ ଡକାଗଲାନି

କମିଶନରେଟ୍ ପୋଲିସର ଦୁର୍ଗା ପୂଜା ପ୍ରସ୍ତୁତି ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ଆମନ୍ତ୍ରଣ ନ କରାଯିବା ନେଇ ପୁନର୍ବାର ବିବାଦ ଦେଖାଦେଇଛି। ପୂର୍ବରୁ ପୋଲିସର ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ମଧ୍ୟ ବିଧାୟକ ମୋକିମଙ୍କୁ ଡକାଯାଇ ନ ଥିଲା। ଏ ନେଇ ବିଧାୟକ ମୋକିମ ପ୍ରତିବାଦ ମଧ୍ୟ କରିଥିଲେ। ଗୁରୁବାର ଅନୁଷ୍ଠିତ ବୈଠକରେ ବାରବାଟୀ-କଟକ ଓ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ସମସ୍ତ ରାଜନୈତିକ ଦଳର ନେତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଭାଜପା ନେତା ସମୀର ଦେ, ନୟନ କିଶୋର ମହାନ୍ତି, ସୁରେଶ ମହାପାତ୍ର, ବିଧାୟକ ସୌଭିକ ବିଶ୍ୱାଳ, ଏମ୍‌ପି ଭର୍ତ୍ତୃହରି ମହତାବ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ମଧ୍ୟ ଉପସ୍ଥିତ ଥିଲେ। ଏ ନେଇ ବିଧାୟକ ମୋକିମ କହିଛନ୍ତି, ପୋଲିସର ଏପରି କାର୍ଯ୍ୟଧାରା ବିଷୟରେ ବୁଝିହେଉନି। ସେମାନେ କଟକର ଭାଇଚାରାକୁ ନଷ୍ଟ କରିବାକୁ ଚକ୍ରାନ୍ତ କରୁଛନ୍ତି। ଅନ୍ୟପକ୍ଷରେ ଡିସିପି ଅଖିଳେଶ୍ୱର ସିଂଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ।

## ଗୋବର୍ଦ୍ଧନ ଗୋଧାମରେ କେନ୍ଦ୍ରମନ୍ତ୍ରୀ


ଗୋବର୍ଦ୍ଧନ ଗୋଧାମ ପରିଦର୍ଶନରେ ଆସିଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

କଟକ ଅଫିସ,୧୨।୯

କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ମଙ୍ଗଳାବାଗସ୍ଥିତ ଗୋବର୍ଦ୍ଧନ ଗୋଧାମ ପରିଦର୍ଶନ କରିଛନ୍ତି। ସେ ଗୋଧାମରେ ରହୁଥିବା ସମସ୍ତ ଗୋମାତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ସେ ବାଲ ବଜରଙ୍ଗୀ କ୍ଲବର ଗୋବର ଗଣେଶଙ୍କୁ ଦର୍ଶନ କରିଥିଲେ। ବାଲ ବଜରଙ୍ଗ ଦଳର ଶାନ୍ତିପୂର୍ଣ୍ଣ ଭସାଣି ଶୋଭାଯାତ୍ରା ପାଇଁ ମଙ୍ଗଳାବାଗ ଇନ୍ସପେକ୍ଟର ଅନୁମତି ଦେଉ ନ ଥିବା ଶୁଣି କେନ୍ଦ୍ରମନ୍ତ୍ରୀ ତୁରନ୍ତ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍.ପି. କୋଚେଙ୍କୁ ଅବଗତ କରାଇଥିଲେ। ସେହିପରି ଶୋଭାଯାତ୍ରା ପାଇଁ ଅନୁମତି ଦେବାକୁ ସେ ଏଡିଜିଙ୍କୁ କହିଥିଲେ। ଗୋବର୍ଦ୍ଧନ ଗୋଧାମ ସଦସ୍ୟଙ୍କୁ ଅଯଥା ହଇରାଣ କରାଯାଉଥିବା ଜାଣି ଏହାର ତୁରନ୍ତ ସମାଧାନ କରିବାକୁ ସେ ଏଡିଜିଙ୍କୁ ପରାମର୍ଶ ଦେଇଥିଲେ। ପରେ ଗୋଧାମ ନିକଟରେ ରହୁଥିବା ବସ୍ତିବାସିନ୍ଦାଙ୍କ ସହ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।

## ସଂକ୍ଷେପରେ

### ଚିକିତ୍ସାଧୀନ ବାଇକ ଚାଳକଙ୍କ ମୃତ୍ୟୁ

**କଣ୍ଟାପଡ଼ା,୧୨।୯(ଡି.ଏନ୍.ଏ.):** ଦୁର୍ଘଟଣାରେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବାଇକ୍ ଚାଳକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉତ୍ତରପାରି ରହମ୍ବା ଗ୍ରାମର ହେମନ୍ତ ଦାସ। ଗତ ମଙ୍ଗଳବାର ସକାଳେ ହେମନ୍ତ ଏକ ବାଇକରେ ଫୁଲନଖରା ଅଭିମୁଖେ ଯାଉଥିଲେ। ଫୁଲନଖରା-ନିଆଳି ରାସ୍ତାର ପିଙ୍ଗାପଡା ନିକଟରେ ଏକ ଷଣ୍ଢ ହଠାତ୍ ତାଙ୍କ ଗାଡି ଆଗକୁ ପଳାଇଆସିଥିଲା। ଫଳରେ ବାଇକଟି ଷଣ୍ଢଦେହରେ ପିଟିହୋଇଯାଇଥିଲା। ଘଟଣାସ୍ଥଳରେ ଷଣ୍ଢର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### କଟକରୁ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**କଟକ ଅଫିସ, ୧୨।୯:** କଟକରୁ ଏକାଧିକ ସରକାରୀ କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥାନାନ୍ତରକୁ ଗୁରୁବାର ବିରୋଧ କରିଛି ଛାତ୍ର ସଙ୍ଗଠନ ଜୟ ରେଭେନ୍‌ଶା ଓ ସାମାଜିକ ସଙ୍ଗଠନ ଏକତା ବାହିନୀ। ଏ ନେଇ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ରାଜ୍ୟ ସରକାର ଷଡଯନ୍ତ୍ର କରି କଟକରୁ ସରକାରୀ କାର୍ଯ୍ୟାଳୟଗୁଡିକୁ ସ୍ଥାନାନ୍ତର କରୁଛନ୍ତି। ପୂର୍ବରୁ ଅନେକ କାର୍ଯ୍ୟାଳୟ ମଧ୍ୟ ସ୍ଥାନାନ୍ତର ହୋଇଥିଲା। ଏହାଦ୍ୱାରା କଟକ ସହରକୁ ଶ୍ରୀହୀନ କରାଯାଉଛି। ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ପରିବର୍ତ୍ତନ ନ କଲେ ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ଗଣ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି।

### ଦନ୍ତ ଚିକିତ୍ସା ଶିବିର

**କଟକ ଅଫିସ, ୧୨।୯:** ରୋଟାରାକ୍ଟ କ୍ଲବ ବାରବାଟୀ ପକ୍ଷରୁ ନୂଆପଡାସ୍ଥିତ ଶୁଭମ୍ ବିଦ୍ୟାନିକେତନ ପରିସରରେ ଦାତବ୍ୟ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ପ୍ରଭାତ ମିଶ୍ର ଯୋଗଦେଇ ସ୍କୁଲ୍‌ର ସମସ୍ତ ଛାତ୍ରୀଛାତ୍ରଙ୍କ ଦନ୍ତ ଚିକିତ୍ସା କରିବା ସହ ସୁସ୍ଥ ଓ ନିରୋଗ ଦାନ୍ତ ନିମନ୍ତେ ପରାମର୍ଶ ଦେଇଥିଲେ। କ୍ଲବ୍‌ର ପ୍ରତିଷ୍ଠାତା ଶକ୍ତି ସୌରଭ ପାତ୍ର, କ୍ଲବ ସଭାପତି ଚେତନଦୀପ୍ ପାତ୍ର, ସମ୍ପାଦକ ସୌଭାଗ୍ୟ ରଞ୍ଜନ ଦାଶ, ଉପସଭାପତି ଆଶୁତୋଷ ମହାନ୍ତି, କୋଷାଧ୍ୟକ୍ଷ ସମ୍ବିତ୍ କୁମାର ସ୍ୱାଇଁ, ଜଗନ୍ନାଥ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶୁଭମ୍ ବିଦ୍ୟାନିକେତନ ଅଧକ୍ଷା ସ୍ମିତାଶ୍ରୀ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ ଓ ଶିକ୍ଷକ ପ୍ରସନ୍ନ ଗୋଛାୟତ ଧନ୍ୟବାଦ ଦେଇଥିଲେ।

### ୧୫ରେ ଗଣେଶ ଭସାଣି

**କଟକ ସଦର,୧୨।୯(ଡି.ଏନ୍.ଏ.):** ଆସନ୍ତା ୧୫ରେ କିଶୋରନଗର ଥାନା ଅନ୍ତର୍ଗତ ଯଶପଡ଼ା ଗଣେଶ ଭସାଣି ଅନୁଷ୍ଠିତ ହେବ। ଏ ନେଇ ଯଶପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୁବାସ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତିଶୃଙ୍ଖଳାରେ ଭସାଣି ସମାପନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।



ସିଡିଏ ସ୍ଥିତ ଜନ ଶିକ୍ଷଣ ସଂସ୍ଥାନ ସମ୍ମିଳନୀ କକ୍ଷରେ ଗୌରୀଶଙ୍କର ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ଗୌରୀଶଙ୍କର ଆଚାର୍ଯ୍ୟ ଗ୍ରନ୍ଥାବଳୀକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## କିଟ୍ କ୍ରୟରେ ଜିଏସ୍‌ଟି ଅର୍ଥ ହଡ଼ପ ଅଭିଯୋଗ

କଟକ ସଦର,୧୨।୯(ଡି.ଏନ୍.ଏ.)

**କଟକ ସଦର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ**

୨୦୧୮-୧୯ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ୨୪୦ଟି ଅଙ୍ଗନୱାଡି କେନ୍ଦ୍ରକୁ ପ୍ରି ସ୍କୁଲ କିଟ୍ କ୍ରୟ ପାଇଁ ୨୫୦୦ଟଙ୍କା ଲେଖାଏ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରଦାନ କରିଥିଲା। କିଟ୍ କିଣାରେ ଜିଏସ୍‌ଟି ବାବଦକୁ କାଟି ରଖାଯାଇଥିବା ଅର୍ଥକୁ ଆତ୍ମସାତ କରାଯାଇଥିବା ନେଇ ମଙ୍ଗଳବାର ଜିଲା ପରିଷଦ ସଭ୍ୟାସଭ୍ୟମାନେ ବାଣିଜ୍ୟକର ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜାଲ୍ ରସିଦ ମାଧ୍ୟମରେ କିଟ୍ ପିଛା ଜିଏସ୍‌ଟି ବାବଦ ୨୬୮ଟଙ୍କା ବିକ୍ରୟ ସଂସ୍ଥା ହଡ଼ପ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ଚାପରେ ଅଙ୍ଗନୱାଡି କର୍ମୀମାନେ ଏଭଳି କାର୍ଯ୍ୟ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅଭିଯୋଗରୁ ପ୍ରକାଶ, ଗତ ମାର୍ଚ୍ଚ ମାସରେ କିଟ୍ କିଣିବା ପାଇଁ ଅଙ୍ଗନୱାଡି କର୍ମୀମାନଙ୍କ ଆକାଉଣ୍ଟକୁ ୨୫୦୦ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ଏଥିରେ ପ୍ଲାଷ୍ଟିକର ୩୨ପ୍ରକାର ଖେଳସାମଗ୍ରୀ କ୍ରୟ କରାଯିବାର ଥିଲା। ବିକ୍ରୟ ସଂସ୍ଥା ପ୍ରଦାନ କରିଥିବା ରସିଦରେ କ୍ରମିକ ନମ୍ବର ନାହିଁ। ଉଲ୍ଲେଖଥିବା ଜିଏସ୍‌ଟି ନମ୍ବର ସମ୍ପର୍କରେ କଟକ ଜିଲା ପ୍ରଶାସନ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି। ଗତ ଅଗଷ୍ଟ ୨୧ରେ ଜିଲା ପରିଷଦ ସାଧାରଣ ବୈଠକରେ ଜନପ୍ରତିନିଧିମାନେ ଏହି ଚଞ୍ଚକତା ସମ୍ପର୍କରେ କଟକ ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ସମାଜ ମଙ୍ଗଳ ଅଧିକାରୀ ବେହେରା ଜିଲାର ୧୪ ବ୍ଲକର ସିଡିପିଓଙ୍କୁ ଚିଠି ଲେଖି କ୍ରୟ ରସିଦର ନକଲ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କେବଳ କଟକ ସଦର ବ୍ଲକରେ ଜିଏଟି ବାବଦକୁ ୬୪ହଜାର ୩୨୦ଟଙ୍କା ଆଦାୟ ହୋଇଛି। ଏହି ଟଙ୍କା ସରକାରୀ ତହବିଲରେ ଜମା ହୋଇଛି କି ନାହିଁ ଏହାର ତଦନ୍ତ ବାଣିଜ୍ୟକର ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଛି। ଅଭିଯୋଗ ସମ୍ପର୍କରେ କଟକ ସଦର ସିଡିପିଓଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଏହି ପଦବୀରେ କାହାରିକୁ ନିଯୁକ୍ତି ମିଳି ନ ଥିବାରୁ କେହି ମତାମତ ଦେଇପାରି ନ ଥିଲେ। ଅନ୍ୟପକ୍ଷରେ କଟକ ଜିଲା ସମାଜ ମଙ୍ଗଳ ଅଧିକାରୀ ବେହେରା କୁହନ୍ତି, ଏହାର ତଦନ୍ତ ଆରମ୍ଭ ହୋଇଥିବାରୁ ଫଳାଫଳକୁ ଅପେକ୍ଷା କରନ୍ତୁ। ବିଗତ ବର୍ଷମାନଙ୍କରେ କ୍ରୟ ସାମଗ୍ରୀରୁ ଆଦାୟ ଜିଏସ୍‌ଟି କିମ୍ବା ଭାଟ ସରକାରଙ୍କ ନିକଟରେ ଜମା ହୋଇଛି କି ନାହିଁ ତା'ର ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ଦାବି ହେଉଛି।

## ଅନ୍ଧାରରେ କଳିଙ୍ଗ ଛକ-ଚାରବାଟିଆ ରାସ୍ତା

ଚୌଦ୍ୱାର,୧୨।୯(ଡି.ଏନ୍.ଏ.)

୫୫ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା କଳିଙ୍ଗ ଛକ-ଚାରବାଟିଆ ରାସ୍ତାରେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବାରୁ ଏହି ରାସ୍ତା ଅନ୍ଧରରେ ରହିଛି। ଶଙ୍କରପୁର, ମଙ୍ଗରାଜପୁର, ମହିସାଲଣ୍ଡା, ବରହମପୁର, ବଡ଼ ସାମନ୍ତରାପୁର, ଆଗ୍ରାହାଟ ଆଦି ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ରାତିରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋରୁ ରାସ୍ତା ମଝିରେ ଶୋଇବାରୁ ପ୍ରିତଦିନ ଦୁର୍ଘଟଣା ଘଟୁଛି। ଦୀର୍ଘଦିନ ପୂର୍ବେ ପୌରପାଳିକା ପକ୍ଷରୁ ରାସ୍ତା ପାର୍ଶ୍ୱ ଖୁଣ୍ଟରେ ଲଗାଯାଇଥିବା ଲାଇଟ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ପୌରପାଳିକା କର୍ତ୍ତୃପକ୍ଷ ଏହି ରାସ୍ତାରେ ତୁରନ୍ତ ଆଲୋକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ କୁହନ୍ତି, ଏହା ମୋ ନଜରକୁ ଆସି ନ ଥିଲା। ଖୁବ୍‌ଶୀଘ୍ର ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ସହରାଞ୍ଚଳରେ ରସ୍ତା ଆଲୋକୀକରଣ ଦାୟିତ୍ୱରେ ଥିବା ଠିକାଦାର ସଂସ୍ଥାକୁ କୁହାଯିବ ବୋଲି କହିଥିଲେ।

■ ଆରତୀ ଷ୍ଟିଲ କାରଖାନାରେ ଜିଲାପାଳ

## ପାରିପାର୍ଶ୍ୱିକ ଉନ୍ନୟନ ସ୍ଥିତି ପରଖିଲେ

ଖୁଣ୍ଟୁଣୀ,୧୨।୯(ଡି.ଏନ୍.ଏ.)

**ଘଣ୍ଟିଖାଲ, ମହାକାଳବସ୍ତ ବିଦ୍ୟାଳୟ ପରିଦର୍ଶନ**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଆରତୀ ଷ୍ଟିଲ କାରଖାନାର ସଭା ଗୃହରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କାରଖାନା ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ପ୍ରଦାନ କରାଯାଇଥିବା ଅର୍ଥର କିଭଳି ସୁବିନିଯୋଗ ହୋଇପାରିବ ସେଥିପାଇଁ କଖଡି, ଘଣ୍ଟିଖାଲ ଓ ମାହାକାଳବସ୍ତ ପଞ୍ଚାୟତକୁ ପ୍ରାଧାନ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ କାରଖାନା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ରାଜୀବ ମିତ୍ତଲ, ସଭାପତି ଏଲ.ଟି.ପି. ନାରାୟଣ, ଏନ୍ ଶ୍ରୀନିବାସନ, ଉପଜିଲାପାଳ ଅମୀୟ କୁମାର ସାହୁ, ବିଡିଓ ଅଜାମ୍ବର ମହାନ୍ତି, ତହସିଲଦାର ତପନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଜିଲାପାଳ ଚୟନୀ ଘଣ୍ଟିଖାଲ ପଞ୍ଚାୟତ ହାଇସ୍କୁଲ ପରିଦର୍ଶନ କରିବା ସହ ସ୍କୁଲ ଗୃହ ମରାମତି ନ ହେବା ଓ ଅର୍ଦ୍ଧନିମିତ ଗୃହ ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଏହାକୁ ଏକ ମାସ ମଧ୍ୟରେ ଶେଷ କରିବାକୁ ସିଆରସିସି ସୂର୍ଯ୍ୟମଣି ସାହୁଙ୍କୁ ତାଗିଦ କରିଥିଲେ। ପରେ ମହାକାଳବସ୍ତ ହାଇସ୍କୁଲର ଭିତ୍ତିଭୂମି ତଦାରଖ କରିଥିଲେ। ସ୍କୁଲ ଗୃହର ମରାମତି ନ ହେବା ସହ ଗୋଟିଏ ଶ୍ରେଣୀରେ ୫ଟି କ୍ଲାସ ହେଉଥିବା ଦେଖି ସିଆରସିସି ହରପ୍ରସାଦ ବେହେରାଙ୍କୁ ତାଗିଦ କରିବା ସହ ଶୀଘ୍ର କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମାଧପୁର କନ୍ୟାଶ୍ରମ ପରିଦର୍ଶନ କରି ଭଙ୍ଗା ଗୃହର ମରାମତି ଓ ଡିନିଂ ନିର୍ମାଣ କରିବାକୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

## ନୂଆ ପରିବହନ ଆଇନ ବାତିଲ ଦାବି

କଟକ ଅଫିସ, ୧୨।୯

ନୂଆ ପରିବହନ ଆଇନକୁ ବାତିଲ କରିବା ପାଇଁ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ଆଇନକୁ ଲାଗୁ ନ କରିବା ଲାଗି କେନ୍ଦ୍ର ସରକାରଙ୍କୁ ବାଧ୍ୟ କରିବାକୁ ରାଜ୍ୟର ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ରାଜ୍ୟ ପରିବହନ କମିଶନରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରାଯାଇଛି। ବହୁ ଗଣସଙ୍ଗଠନର ପ୍ରତିନିଧି ଏକତ୍ର ହୋଇ କମିଶନର ତଥା ରାଜ୍ୟ ପରିବହନ ସଂସ୍ଥାର ଅଧ୍ୟକ୍ଷଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ଦେଶର ଆର୍ଥିକ ମାନ୍ଦାବସ୍ଥା ପରିବହନ କ୍ଷେତ୍ରରେ ଅଧିକ ମାତ୍ରାରେ ଦେଖାଦେଇଛି। ପରିବହନ କ୍ଷେତ୍ରରେ ଥିବା ଲାଭଖୋର ଓ ସେମାନଙ୍କ ଏଜେଣ୍ଟମାନଙ୍କୁ ଏଥିରୁ ଉଦ୍ଧାର କରିବାକୁ କେନ୍ଦ୍ର ସରକାର ପରିବହନ ଆଇନକୁ ସଂଶୋଧନ କରି ଏହି ନୂଆ ଆଇନ ଲାଗୁ କରିଛନ୍ତି। ଏଥିଯୋଗୁ ସାଧାରଣ ଜନତା ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ପୋଲିସ ଅପରାଧୀଙ୍କ ପଛରେ ନ ଲାଗି ମହିଳା ଓ ନାଗରିକଙ୍କୁ ହଇରାଣ କରୁଛି। ଲୋକଙ୍କ ପାଇଁ ଆଇନ ହେଲେ ଲୋକେ ଆଇନକୁ ସମ୍ମାନ ଜଣାଇବେ। ପରିବହନ କ୍ଷେତ୍ରକୁ ଘରୋଇ କମ୍ପାନୀ କବଳରୁ ମୁକ୍ତ କରିବା, ଗଣପରିବହନ ସେବାକୁ ସୁଲଭ କରିବା, ମଦପିଇ ଗାଡିଚାଳନା ନିଷେଧ କରିବା, ସଡ଼କ ବ୍ୟବସ୍ଥା ସୁଧାରିବା, ରାସ୍ତାପାର୍ଶ୍ୱରେ ମଦଦୋକାନ ଓ ବାର୍ ନ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖାଯାଇଛି।

ଏହି ପ୍ରତିନିଧି ଦଳରେ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ସଭାପତି ପ୍ରଶାନ୍ତ ଦାସ, ଆଇନଜୀବୀ ଶିଶିର ଦାସ, ସୁକାନ୍ତ ନାୟକ, ବିଜୟ ରାଉତରାୟ, ଏସ୍‌ୟୁସିଆଇ(ସି) ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ବସ୍ତି ବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ମଦ ବିରୋଧୀ ଆନ୍ଦୋଳନର ନେତ୍ରୀ ଡଲି ଦାସ, ଲକ୍ଷ୍ମୀ ମହାନ୍ତି, ସାମାଜିକ କର୍ମୀ କମିଲୁଦ୍ଦିନ ଅହମ୍ମଦ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ଏନାମୁଲ ହକ୍, ରୁକ୍‌ସାନା ଖାଁ, ବସନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।



କଟକ ନୁଆପାଟଣାସ୍ଥିତ ଏଲ୍‌ଆଇସି ଡିଭିଜନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୀମା କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।



କଟକ ମଧୁପାଟଣା ଛକ ଟ୍ରାଫିକ ପୋଲିସ ଷ୍ଟେଶନ ନିକଟରେ ଗୁରୁବାର ଟ୍ରାଫିକ ଡିସିପି ସାଗରିକା ନାଥ ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

## ମହାନଦୀରେ ଲୀନ ହେବାକୁ ବସିଛି ସିଦ୍ଧେଶ୍ୱର ପୀଠ

ନରାଜ,୧୨।୯(ଡି.ଏନ.ଏ)

ବାରଙ୍ଗ ଥାନା ଅନ୍ତର୍ଗତ ତଳଗଡ ଓ ନରାଜର ମଧ୍ୟସ୍ଥ ଭାଗର ପର୍ବତରେ ସିଦ୍ଧେଶ୍ୱର ମନ୍ଦିର ଅବସ୍ଥିତ। ହେଲେ ପ୍ରତ୍ନତତ୍ତ୍ୱ ଓ ଦେବୋତ୍ତର ବିଭାଗର ଅଣଦେଖାରୁ ଏବେ ଏହି ପୁରାତନ ମନ୍ଦିରଟି ମହାନଦୀରେ ଲୀନ ହେବାକୁ ବସିଛି। ପ୍ରତିବର୍ଷ ବର୍ଷାଦିନେ ମହାନଦୀରେ ପାଣି ବଢିଲେ ପାହାଡର ପାଦ ଦେଶରେ ଥିବା କୂଳଖାଇ ଯାଇଥାଏ। ବର୍ତ୍ତମାନ ବର୍ଷା ଓ ମହାନଦୀର ପାଣିରେ କୂଳ ଖାଇବା ଫଳରେ ମନ୍ଦିରର ସାମ୍ନା ପାହାଚ ନଦୀଗର୍ଭକୁ ଚାଲିଯାଇ ମୁଖଶାଳା ଫାଟି ମହାନଦୀରେ ମିଶିବାକୁ ବସିଲାଣି। ସୂଚନାଯୋଗ୍ୟ, ପାଣ୍ଡବମାନେ ବନବାସ ସମୟରେ ଏହି ପର୍ବତରେ ବହୁଦିନ ବସବାସ କରିବା ଓ ବୌଦ୍ଧ ଧର୍ମାବଲମ୍ବୀମାନେ ଏଠାରେ ଥିବା ଗୁମ୍ଫାରେ ରହି ଧ୍ୟାନ କରୁଥିବା କିମ୍ବଦନ୍ତିରୁ ସୂଚନା ମିଳେ। ଏହି ମନ୍ଦିର ମହାନଦୀର ନିକଟବର୍ତ୍ତୀ ଥିବା ସହ ସୁନ୍ଦର ପରିବେଶ ହୋଇଥିବାରୁ ଏଠାକୁ କଟକ ଓ ଆଖପାଖ ଅଞ୍ଚଳରୁ ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁ ଆସିଥାନ୍ତି। ବିଶେଷ କରି ଶ୍ରାବଣ ମାସରେ କାଉଡ଼ିଆମାନେ ଜଳଲାଗି ଓ ଜାଗର ସମୟରେ ବହୁସଂଖ୍ୟାରେ ଭକ୍ତ ଏଠାକୁ ଛୁଟି ଆସିଥାନ୍ତି। ଏହିଭଳି ଏକ ପ୍ରାଚୀନ ଶୈବ ପୀଠଟି ମହାନଦୀ ଗର୍ଭରେ ଲୀନ ହେବା ପୂର୍ବରୁ ପ୍ରତ୍ନତତ୍ତ୍ୱ ଓ ଦେବୋତ୍ତର ବିଭାଗ ସୁରକ୍ଷା ଯୋଗାଇଦେବା ପାଇଁ ଅଞ୍ଚଳବାସୀଙ୍କ ଦାବି ହେଉଛି।





ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

- ଲାମାର୍ଟିନ



## ସଂକ୍ଷେପରେ

### ବାଇକ ଡିକି ଭାଙ୍ଗି ୧୫ ହଜାର ଲୁଟ୍

**ବୋଲଗଡ,୧୨।୯(ଡି.ଏନ.ଏ.):** ବୋଲଗଡରେ ବାଇକ୍ ଡିକି ଭାଙ୍ଗି ଗୁରୁବାର ୧୫ ହଜାର ଟଙ୍କା ଲୁଟ୍ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଗୁରୁବାର ବୋଲଗଡ ଥାନା ଅରଖପଲ୍ଲୀର ବୀର ପ୍ରଧାନ ଓ ତାଙ୍କ ପୁଅ ଆକାଶ ବୋଲଗଡଠାରେ ବାଇକ୍ ରଖି ଦୋକାନରୁ ମେଡିସିନ ଆଣୁଥିବା ବେଳେ ଡିକି ଭାଙ୍ଗି ୧୫ ହଜାର ଟଙ୍କା କେହି ଦୁର୍ବୃତ୍ତ ଲୁଟି ନେଇଛନ୍ତି। ବୀର ବ୍ୟାଙ୍କରୁ ଟଙ୍କା ଉଠାଇ ତାଙ୍କ ବାଇକ୍ ଡିକିରେ ରଖିଥିଲେ। ତେବେ ସେ ଦୋକାନକୁ ଯାଇ ମେଡିସିନ କିଣି ଫେରିବା ବେଳକୁ ବାଇକ୍ ଡିକି ଖୋଲାଥିଲା। ଡିକିରେ ଥିବା ଟଙ୍କା ସମେତ ଦରକାରୀ କାଗଜପତ୍ର ମଧ୍ୟ ଦୁର୍ବୃତ୍ତ ନେଇ ଯାଇଛନ୍ତି। ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଲୁଟ୍ ଅଭିଯୋଗରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୨।୯:** ଲୁଟ୍ ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପୋଡାଡିହର ପପୁ ମଙ୍ଗରାଜ(୨୬)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପପୁଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପପୁଙ୍କୁ ଗାଈ ଚୋରିରେ ସମ୍ପୃକ୍ତି ଥିବାରୁ ଜଟଣୀ ଥାନା ପୋଲିସ ରିମାଣ୍ଡରେ ନେବାକୁ ଆବେଦନ କରିଥିବା ଜଣାପଡିଛି।

### କାର୍ ଲୁଟ୍ ମାମଲାରେ ଆଉ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ/ ବୋଲଗଡ, ୧୨।୯(ଡି.ଏନ.ଏ.):** ବୋଲଗଡ ଥାନା ପୋଲିସ କାର ଲୁଟ୍ ଘଟଣାରେ ଇଚ୍ଛାପୁର ଗ୍ରାମର ଆଜାରୁଦ୍ଦିନ ଖାଁ (୨୧)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଆଜାରୁଦ୍ଦିନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶଥାଉ କି ନଂ. ଓଡି ୦୨ ବିଡି ୪୨୭୭ ଏକ ଓଲା କାର ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ୫୭ ନଂ. ଜାତୀୟ ରାଜପଥରେ ଯାଉଥିଲା। ସେହି କାରଟିକୁ ବୋଲଗଡ ରାଜସୁନାଖଳା ମଧ୍ୟରେ ଜାତୀୟ ରାଜପଥରୁ ଦୁର୍ବୃତ୍ତମାନେ ଅଗଷ୍ଟ ୬ରେ ଲୁଟି ନେଇଥିଲେ। ଅଗଷ୍ଟ ୭ରେ କାରଟିକୁ ନୟାଗଡ ଜିଲା ଖଣ୍ଡପଡାସ୍ଥିତ ସୁନାମୁହିଁ ପ୍ରୋଜେକ୍ଟଠାରୁ ପୋଲିସ ଉଦ୍ଧାର କରି ନିଜ ହେପାଜତକୁ ଆଣିଥିଲା। ଏହି ଘଟଣା ପରେ ୨ ଜଣ ଗିରଫ ହୋଇ ଜେଲ ଯାଇଥିଲେ।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୧୨।୯:** ଖୋର୍ଦ୍ଧା ସହର ପୋଷ୍ଟ ଅଫିସ ଲେନର ବରିଷ୍ଠ ଆଇନଜୀବୀ ଗୌରୀଶ୍ୟାମ ପଟ୍ଟନାୟକଙ୍କର ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ଗୌରିଶ୍ୟାମ ବୋଲଗଡ ବ୍ଲକର ପ୍ରଥମ ଚେୟାରମ୍ୟାନ ଥିଲେ। ଖୋର୍ଦ୍ଧା ବାର ଆସୋସିଏଶନର ସଭାପତି ଭାବେ କାର୍ଯ୍ୟ କରିଥିଲେ। ପି.ଏନ. କଲେଜ ଖୋର୍ଦ୍ଧାର ସେ ଜଣେ ସକ୍ରିୟ ସଭ୍ୟ ଥିଲେ। ଖୋର୍ଦ୍ଧା ବିଜେବି ହାଇସ୍କୁଲରେ ପାଠପଢ଼ି ନିଜେ ସେହି ସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରେ ଶିକ୍ଷକତା ଛାଡି ଆଇନଜୀବୀ ପେସାକୁ ଆଦରି ନେଇଥିଲେ। ପ୍ରକାଶଥାଉ କି ୧୯୨୫ ମେ ୬ରେ ଜନ୍ମ ଗ୍ରହଣ କରିଥିବା ଗୌରିଶ୍ୟାମ ପାଟଣା ବିଶ୍ୱବିଦ୍ୟାଳୟରୁ ଆଇଏସ୍‌ସି ପାସ କରିଥିଲେ। ତାଙ୍କୁ ଦର୍ଶନ ପାଇ ରାତିରେ ଆଇନଜୀବୀଙ୍କ ସମେତ ଖୋର୍ଦ୍ଧାର ବୁଦ୍ଧିଜୀବୀମାନେ ଭିଡ ଜମାଇଥିଲେ।

### ଶିକ୍ଷୟିତ୍ରୀଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୧୨।୯:ବାଣପୁର ବ୍ଲକ ତୋରସିଂହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମହାନ୍ତି(୫୯)ଙ୍କ ପରଲୋକ ହୋଇଯାଇଛି। ସେ ଏକାଧାରରେ ସମାଜ ସେବିକା, ଧର୍ମ ପରାୟଣ ମହିଳା ଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଅବସରରେ ଶିକ୍ଷକ ଶ୍ରବଣ କୁମାର ସୁଆରଙ୍କ ସଭାପତିତ୍ୱରେ ତୋରସିଂହ ସ୍କୁଲ ପରିସରରେ ଏକ ସ୍ମୃତିଚାରଣ ସଭା କରାଯାଇଥିଲା। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷୟିତ୍ରୀ ନିର୍ଝରଣୀ ଷଡଙ୍ଗୀ, କବିତା ବରାଳ, ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ଓ କମିଟିର ସଦସ୍ୟମାନେ ସ୍ମୃତିଚାରଣ କରିଥିଲେ।

## ■ ଖୋର୍ଦ୍ଧା ସହରରେ କୃତ୍ରିମ ବନ୍ୟା

# ଘରେ ପଶିଲା ନର୍ଦ୍ଦମା ଜଳ

**ଖୋର୍ଦ୍ଧା ଅଫିସ,୧୨।୯**

ଖୋର୍ଦ୍ଧା ସହରରେ ବର୍ଷା ଯୋଗୁ ବିଭିନ୍ନ ୱାର୍ଡରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କେତେଜଣ ଲୋକଙ୍କ ଘରେ ପାଣି ପଶିଛି। ବର୍ଷା ଋତୁ ପୂର୍ବରୁ ସଫେଇ କରା ନ ଯିବାରୁ ଡ୍ରେନ ଆବର୍ଜନା ପଡି ପୂରି ଯାଇଥିଲା। ପୁଣି ନୂଆ ଡ୍ରେନ ନିର୍ମାଣ ହୋଇଥିଲେ ମଧ୍ୟ ମଝିରେ ମଝିରେ କାମ କରି ଛାଡି ଦିଆଯାଇଥିବାରୁ ନର୍ଦ୍ଦମା ଜଳ ୱାର୍ଡ ଭିତରେ ଜମି ରହିଲା। କେତେ ସ୍ଥାନରେ ଆଦୌ ଡ୍ରେନ ନାହିଁ। ଫଳରେ ବର୍ଷା ଛାଡିଥିଲେ ମଧ୍ୟ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବୁଢିବଗିଚା, ମହିଳା ମହାବିଦ୍ୟାଳୟ ସଂଲଗ୍ନ ଅଞ୍ଚଳ, ସାମନ୍ତରାପୁର, ୨୦ ନଂ. ୱାର୍ଡ ତଳସାହି, ୨୧ ଓ ୨୨ ନଂ. ୱାର୍ଡର ମୁକୁନ୍ଦପ୍ରସାଦ, ଚାଚରା ସହରସାହି ଅଞ୍ଚଳରେ ପ୍ରାୟ ୧ ଫୁଟ ପାଣି ରିପୋର୍ଟ ଲେଖା ହେବ ପର୍ଯ୍ୟନ୍ତ ଜମା ହୋଇରହିଛି। ଜଳ ନିଷ୍କାସନ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ଖୋର୍ଦ୍ଧା ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆ ଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସହରରେ ଥାଇ ବି ଲୋକ ନର୍କ ଯନ୍ତ୍ରଣା ଭୋଗୁଛନ୍ତି।

ବର୍ଷାଋତୁ ପୂର୍ବରୁ ହାତଗଣତି କେତେଗୋଟି ଡ୍ରେନକୁ ଛାଡି ଦେଲେ ସହରର ଅଧିକାଂଶ ଡ୍ରେନକୁ ସଫେଇ କରାଗଲାନାହିଁ। ଯେଉଁଠି ଡ୍ରେନର କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି ତା'ର ମଧ୍ୟ ବ୍ୟବସ୍ଥା କିଛି ହେଲାନି। ସହରର ବୁଢିବଗିଚା ଓ ମହିଳା ମହାବିଦ୍ୟାଳୟ ଖ୍ରୀଷ୍ଟିୟାନସାହି ରାସ୍ତା ଅଞ୍ଚଳରେ ଆଦୌ ଡ୍ରେନ ନାହିଁ। ମହିଳା ମହାବିଦ୍ୟାଳୟ ସମ୍ମୁଖରେ ନୂଆ ଡ୍ରେନ ନିର୍ମାଣ ହୋଇଛି। କିନ୍ତୁ ସ୍ଥାନେ ସ୍ଥାନେ ଡ୍ରେନକୁ ଛାଡି ଦିଆଯାଇଛି। ୨୦ ନଂ. ୱାର୍ଡ ତଳସାହିରେ ଡ୍ରେନ ଭାଙ୍ଗି ରୁଜୁ ନଷ୍ଟ ହୋଇଯାଇଥିଲେ ମଧ୍ୟ ମରାମତି ହେଉନାହିଁ। ୨୧ ଓ ୨୨ ନଂ. ୱାର୍ଡର ମୁକୁନ୍ଦପ୍ରସାଦ, ଚାଚରା ସହରସାହିରେ ଅନୁରୂପ ଭାବେ ପାଣି ଜମି ରହିଛି।



ବୁଢି ବଗିଚା ଅଞ୍ଚଳରେ ଘରେ ପାଣି ପଶିଛି ।



ବିଡିଏ କଲୋନୀ ରାସ୍ତା ଖାଲଖମାରେ ଭର୍ତ୍ତି ।

### ନିଷ୍କାସନ ପାଇଁ ନାହିଁ ବ୍ୟବସ୍ଥା

### ରାସ୍ତା ଶୋଚନୀୟ

ଭାଲିଆବାଡି ଲୋକେଶ୍ୱରପୁର ଅଞ୍ଚଳରୁ ବିଡିଏ କଲୋନୀ ଦେଇ ଖୋର୍ଦ୍ଧା ସହରକୁ ପଡିଥିବା ରାସ୍ତା ପରିତ୍ୟକ୍ତ ହୋଇ ପଡିରହିଛି। ଅନ୍ୟପକ୍ଷେ ନରାଜ ପାଣି ଯିବାକୁ ପଡିଥିବା ପାଇପ କାର୍ଯ୍ୟରେ ରାସ୍ତାକୁ ହାଣି ନଷ୍ଟ କରାଗଲା। ଅଥଚ ମରାମତି କରାଗଲା ନାହିଁ। ଡ୍ରେନ ନ ଥିବାରୁ ନର୍ଦ୍ଦମା ପାଣି ରାସ୍ତା ଉପରେ ଯାଇ ଏହାକୁ ଅଧିକ ଖାଲଖମା କରି ଦେଇଛି। ରାସ୍ତା ମରାମତି ନ ହେବାରୁ ବର୍ଷା ହେଲେ ଖାଲଖମା କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏହାକୁ ମଧ୍ୟ ମରାମତି କରାଯାଉ ନ ଥିବାରୁ ଯାତାୟାତରେ ବାଧା ଉପୁଜୁଛି।

## ■ କୁଦିଆରୀ ଉଚ୍ଚ ବିଦ୍ୟାଳୟ

# ପଥର ସାହାରାରେ ଯାତାୟାତ କରୁଛନ୍ତି ବିଦ୍ୟାର୍ଥୀ

**ଜଟଣୀ,୧୨।୯(ଡି.ଏନ.ଏ.)–**

ସ୍କୁଲ ମୁଖ୍ୟ ଗେଟ୍ ସମ୍ମୁଖରେ ଗୋଟିଏ ଫୁଟ୍ ଉଚ୍ଚର ପାଣି ଜମି ରହିଛି। ମାଙ୍କଡ଼ା ପଥର ସାହାରାରେ ସ୍କୁଲକୁ ଯାତାୟାତ କରିବାକୁ ପଡୁଛି। ଜଟଣୀ ସହର ମଧ୍ୟରେ ଥିବା କୁଦିଆରୀ ଉଚ୍ଚବିଦ୍ୟାଳୟରେ ସୃଷ୍ଟି ହୋଇଛି ଏପରି ଅବସ୍ଥା। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି କର୍ମଚାରୀ ସମସ୍ତେ ହଇରାଣ ହେଉଛନ୍ତି। ସ୍କୁଲ ମଧ୍ୟକୁ ଯିବା ପାଇଁ ଲମ୍ବାରେ ମାଙ୍କଡା ପଥର ପକାଯାଇଛି। ପଥର ଡେଇଁ ଡେଇଁ ସ୍କୁଲକୁ ଯା'ଆସ କରୁଛନ୍ତି। ଅଧିକ ବର୍ଷା ହେଲେ ବହୁ ସମୟରେ ପଡିଥିବା ପଥର ପାଣିରେ ବୁଡିଯାଉଛି। ଫଳରେ ବିଦ୍ୟାର୍ଥୀଙ୍କ ଜୋତା, ମୋଜା, ଡ୍ରେସ୍ ଓଦା ହୋଇଯାଉଛି। ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଏପରି ଅବସ୍ଥା ଦେଖାଦେଉଛି। ସ୍କୁଲ ଗେଟ୍ ସମ୍ମୁଖରେ ଯାଇଥିବା ଡ୍ରେନ୍‌ଟି ପୋତି ହୋଇପଡିଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଡ୍ରେନ୍‌ଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ପୋତି ହୋଇପଡିଥିବା ଡ୍ରେନ୍‌ର ପୁନରୁଦ୍ଧାର ପାଇଁ ପୂର୍ତ୍ତ ବିଭାଗ କିମ୍ବା ସ୍ଥାନୀୟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କାହାର ଦୃଷ୍ଟି ପଡୁନାହିଁ। ଏ ନେଇ ସମ୍ପୃକ୍ତ ଅଞ୍ଚଳର ଦୁଇ ପୂର୍ବତନ କାଉନ୍‌ସିଲର ଲୁସେନ୍ ରାୟ ଓ ଅନନ୍ତ ବେହେରା କୁହନ୍ତି, ଅନେକ ଥର ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ସ୍କୁଲର ପ୍ରଧାନ ଶିକ୍ଷକ କାଶୀନାଥ ଦାସ କୁହନ୍ତି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କରାଯାଇଛି। ତେବେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।




ସ୍କୁଲ ଗେଟ୍ ସମ୍ମୁଖରେ ପାଣି ଜମିଥିବାରୁ ପିଲାମାନେ ପଥର ପକାଇ ଯା ଆସ କରୁଛନ୍ତି ।

# ବେଗୁନିଆ କଲେଜ, ଓଡ଼ିଆ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ବେଗୁନିଆ,୧୨।୯(ଡି.ଏନ.ଏ.)–**

ବେଗୁନିଆ କଲେଜ ପରିସରରେ ଗୁରୁବାର ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଏବଂ ସାହିତ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ କଲେଜର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ କେଳୁଚରଣ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଯୁକ୍ତ ୩ ପ୍ରଥମବର୍ଷର ନବାଗତ ୬୨ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ଗ୍ରହଣ ପାଇଁ କଲେଜରେ ପ୍ରବେଶ କଲା ବେଳକୁ ଯଦି ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଏ ତେବେ ପିଲାମାନଙ୍କର ସୁନ୍ଦର ଭବିଷ୍ୟତ ପ୍ରତି ମନୋବଳ ଦୃଢୀଭୂତ ହୋଇଥାଏ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ଉତ୍ସବକୁ ପରିଚାଳନା କରିଥିଲେ। ଅଧ୍ୟାପକ ନବକିଶୋର ବିଷୋଇ, ନିମତା ମହାରଣାଙ୍କ ସହ ଅନ୍ୟ ଅଧ୍ୟାପିକାଅଧ୍ୟାପକମାନେ ଉତ୍ସବରେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷା ଉପରେ ଟିପ୍ପଣୀ ରଖିଥିଲେ। ଶେଷରେ ଅଧ୍ୟାପକ ସଲିଳ କୁମାର ବଡଜେନା ଧନ୍ୟବାଦ ଦେଇଥିଲେ।




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ ।

# ବାଲୁଗାଁ କଲେଜରେ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ବାଲୁଗାଁ,୧୨।୯(ଡି.ଏନ.ଏ.)**

ବାଲୁଗାଁ ମହାବିଦ୍ୟାଳୟରେ ତମାଖୁ ସେବନର ଭୟାବହତା ସମ୍ପର୍କିତ ଏକ ସଚେତନ ମୂଳକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପିକା ସୁଜାତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡ. ସୁଧାଂଶୁ ଶେଖର ମହାପାତ୍ର, ଦେବସ୍ମିତା ପୃଷ୍ଟି, ରାଜେଶ କୁମାର ନାୟକ, ସୋନାଲୀ ମହାନ୍ତି, କୈଳାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ତମାଖୁ ସେବନର ଭୟାବହତା, କର୍କଟ ରୋଗ ସହ ଏହାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ତମାଖୁ ଜନିତ ରୋଗ ନେଇ ସଚେତନମୂଳକ ସାଧାରଣ ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସମେତ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ଶିକ୍ଷାର୍ଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡ. କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

## ■ ଜାଲ୍ କବଲାରେ ଜମି ଠକେଇ ଘଟଣା

# ୭ ଜଣଙ୍କ ଆତ୍ମସମର୍ପଣ, ୨ ଫେରାର

**ଖୋର୍ଦ୍ଧା ଅଫିସ,୧୨।୯:**

ଜାଲ କବଲାରେ ୩ ଏକର ୩୩୦ ଡିସିମିଲ ଇଜ୍‌ମାଇଲ୍(କୋଠ ସମ୍ପତ୍ତି) ଜମି ବିକ୍ରି ଅଭିଯୋଗ ମାମଲା ଭୁବନେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଓ)ରେ ହୋଇଥିଲା। ଏହାର ବିଚାର କରି କୋର୍ଟ ଜମିବିକ୍ରେତା, କ୍ଷମତା ପ୍ରାପ୍ତ ଏଜେଣ୍ଟ ଓ କ୍ରେତା ପ୍ରମୁଖ ୯ ଜଣଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ଏଥିରୁ ୭ ଜଣ କୋର୍ଟରେ ଆତ୍ମସମର୍ପଣ କରି ସର୍ତ୍ତମୂଳକ ଜାମିନରେ ଆସିଥିବାବେଳେ ଗୁରୁଜଙ୍ଗର ଶରତ କୃଷ୍ଣ ସାମନ୍ତରାୟ ଓ ଭୁବନେଶ୍ୱର ଖାରବେଳନଗରର ଗୌରୀ ଶଙ୍କର ମିଶ୍ର ଫେରାର ଅଛନ୍ତି।

ଅଭିଯୋଗ ଅନୁସାରେ, ଜଟଣୀ ତହସିଲ ଯାଁଳା ଆରଆଇ ଅଫିସ ଅନ୍ତର୍ଗତ ଗୋପାଳପୁର ମୌଜାରେ ଖାତା ନଂ. ୫୧ ରେ ୩ ଏକର ୩୩୦ ଡେସିମିଲ ଜମି ରହିଛି। ଏଥିରୁ ୨ ଏକର ୪୯୭.୧/୨ଡେସିମିଲ୍ ୨୦୧୪ ଏପ୍ରିଲ ୧୬ରେ ବିକ୍ରି ହୋଇଛି। ସେହିପରି ଯାଁଳା ମୌଜା ଖାତା ନଂ. ୯୮ର ୬୮୦ ଡିସିମିଲ୍‌ରୁ ୧୮୦ ଡିସ୍‌ମିଲ୍ ୨୦୧୪ ଫେବୃୟାରୀ ୭ରେ ଅନୁରୂପ ଭାବେ ବିକ୍ରି କରାଯାଇଛି। ଅନ୍ୟପକ୍ଷେ ଅଲକର ମୌଜାର ଖାତା ନଂ. ୧୧୩ର ୩୬୦ ଡିସିମିଲ୍‌ରୁ ୧୮୦ ଡିସିମିଲ ୨୦୧୪ ଜାନୁୟାରୀ ୧୭ ଓ ଖାତା ନଂ. ୧୪୦ର ୭୨୫ ଡିସିମିଲରୁ ୩୬୨.୧/୨ ଡିସିମିଲ୍ ୨୦୧୩ ଫେବୃୟାରୀ ୫ରେ ଅନୁରୂପ ଭାବେ ବିକ୍ରି କରାଯାଇଛି। ଏସବୁ ସମ୍ପତ୍ତି ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମର ସ୍ୱର୍ଗତ ବାଳମୁକୁନ୍ଦ ସାମନ୍ତରାୟ ଓ ରାମକୃଷ୍ଣ ସମାନ୍ତରାୟଙ୍କ ନାଁରେ ଅଦ୍ୟାବଧି ରେକର୍ଡ ରହିଛି। ବାଳମୁକୁନ୍ଦ ୧୯୬୯ ଓ ରାମକୃଷ୍ଣଙ୍କ ୨୦୦୨ରେ ମସିହାରେ ମୃତ୍ୟୁ ହୋଇଥିଲା। ଏପରିସ୍ଥଳେ ବାଳମୁକୁନ୍ଦଙ୍କ କେତେଜଣ ସମ୍ପର୍କୀୟ ଜାଲ କାଗଜାତ କରି ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିଥିବା ଜଣାପଡିଛି। ଏ ସମ୍ପର୍କରେ ସ୍ୱର୍ଗତ ରାମକୃଷ୍ଣଙ୍କର ଜ୍ୟେଷ୍ଠ ପୁତ୍ର ରାଧାକୃଷ୍ଣ କୁହନ୍ତି, ଏଯାବତ ସମ୍ପତ୍ତି ଭାଗ ବଣ୍ଟା ହୋଇନାହିଁ। ଉକ୍ତ ସମ୍ପତ୍ତି ଭାଗବଣ୍ଟା ପାଇଁ ଭୁବନେଶ୍ୱରସ୍ଥିତ ସିଭିଲ୍ କୋର୍ଟରେ ସିଭିଲ ସୁଟ୍ ନଂ. ୫୧୭/ ୨୦୦୪ ମାମଲା ରୁଜୁ ହୋଇଥିଲା। ଏହି ମାମଲା ବାଳମୁକୁନ୍ଦଙ୍କ କନିଷ୍ଠ ପୁତ୍ର ପ୍ରାଣକୃଷ୍ଣ ଦାଖଲ କରିଥିଲେ, ଯାହାକି ୨୦୧୪ ଏପ୍ରିଲ ୨୯ରେ ଡିସ୍‌ମିସ୍ ହୋଇଥିଲା। ଅନିୟମିତତା ଜମି ବିକ୍ରିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଭୁବନେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ (ଓ)ଙ୍କ ଅଦାଲତରେ ମୁଁ ଏକ ୱାନ ସିସି ୨୮୯/୨୦୧୮ରେ ଫୌଜଦାରି ମାମଲା ଦାଖଲ କରିଥିଲି, ଯାହାର ତଦନ୍ତ କରାଯାଇ ଜମିବିକ୍ରେତା, କ୍ଷମତାପ୍ରାପ୍ତ ଏଜେଣ୍ଟ ଓ କ୍ରେତା ପ୍ରମୁଖ ୧୫ ଜଣଙ୍କୁ ମୁଦଲା ସାବ୍ୟସ୍ତ କରାଯାଇ ଠକେଇ ଅଭିଯୋଗରେ ଅଦାଲତ ସମନ କରିଥିଲେ। କିନ୍ତୁ କୋର୍ଟରେ ହାଜର ନ ହେବାରୁ ୯ ଜଣଙ୍କ ନାଁରେ ଗିରଫ ପରୱାନା ଜାରି କରିବାକୁ ପୋଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ଆରିକମାରେ ୩ଟି ଚୋରି

ବୋଲଗଡ,୧୨।୯(ଡି.ଏନ.ଏ.):

ବୋଲଗଡ ଥାନା ଆରିକମା ଅଞ୍ଚଳର ୩ଟି ସ୍ଥାନରୁ ବୁଧବାର ରାତିରେ ଚୋରି ହୋଇଛି। ଗ୍ରାମର ବାସୁଦେବ ଦାସଙ୍କର ଏକ ପାଣି ମୋଟର ଚୋରି ହୋଇଥିବାବେଳେ ଶନି ମନ୍ଦିର ହୁଣ୍ଡିରେ ଥିବା ଟଙ୍କା ସମେତ ପୂଜା ସାମଗ୍ରୀ, ଘଣ୍ଟି, ପିତଳ ଡାଲା, କିରଟି, ଘଣ୍ଟ ଆଦି ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ସହଜପୁର ଗ୍ରାମର ହନୁମାନ ମନ୍ଦିରଠାରୁ ମଧ୍ୟ ଠାକୁରଙ୍କ ପୂଜା ସାମଗ୍ରୀ ଚୋରି କରିଛନ୍ତି। ଖବରପାଇ ବାଙ୍କୋଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ଝାଞ୍ଜିପିଟା ମଠ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

**ପୁରୀ ଅଫିସ,୧୨।୯:**

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଗୁରୁବାର ପୁରୀର ଝାଞ୍ଜିପିଟା ମଠ ପରିଦର୍ଶନ କରିଛନ୍ତି। ଅପରାହ୍ନରେ ଶେଖାୱତ ମଠରେ ପହଞ୍ଚି ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କୁ ୩୭୦ ଧାରା ଉଚ୍ଛେଦ ସମ୍ପର୍କରେ ଜଣାଇଥିଲେ। କେନ୍ଦ୍ର ସରକାର ଏହି ଉଚ୍ଛେଦ ନିଷ୍ପତ୍ତି ନେଲେ କାହିଁକି, ନେବା ପରେ ଭାରତର କ'ଣ ଲାଭ ହୋଇଛି ଏହାର ଯଥାର୍ଥତା ଆଦି ବିଷୟରେ ମହନ୍ତଙ୍କୁ ଅବଗତ କରାଇଥିଲେ। ଏହା ଉପରେ ମହନ୍ତଙ୍କ ମତ କ'ଣ ରହିଛି ତାହା ମଧ୍ୟ ଜାଣିଥିଲେ। ପରେ ମହନ୍ତଙ୍କୁ ମୋଦି ସରକାର କ'ଣ କରିଛନ୍ତି ଏବଂ ଆଗକୁ କ'ଣ ସବୁ ଯୋଜନା ରହିଛି ସେ ସଂକ୍ରାନ୍ତ ପୁସ୍ତିକା ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ମଧୁସୂଦନ ସିଂହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦାବିରେ ଧାରଣା

**ଜଟଣୀ,୧୨।୯(ଡି.ଏନ.ଏ.)**

ଜାଭିୟର ୟୁନିଭରସିଟି ନିକଟରେ ଗୁରୁବାର ଅନେକ ବେକାର ଯୁବତୀଯୁବକ ଧାରଣା ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ପୂର୍ବ ଆନ୍ଦୋଳନ ସମୟରେ ସ୍ଥାନୀୟ ଯୁବକଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ଆଦି ଦାବିରେ ଏହି ଧାରଣା ଦିଆଯାଇଥିଲା। ଜଟଣୀ ହରିରାଜପୁର ଓ ସୁନ୍ଦରପଦା ରାସ୍ତାପାର୍ଶ୍ୱରେ ଥିବା ଏହି ୟୁନିଭରସିଟି ନିକଟରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ନୂତନ ସିକ୍ୟୁରିଟି ସଂସ୍ଥା ଦାୟିତ୍ୱ ଗ୍ରହଣ କଲାପରେ ପୂର୍ବ ସଂସ୍ଥା ଅଧୀନରେ ସିକ୍ୟୁରିଟି ଗାର୍ଡ କାର୍ଯ୍ୟ କରୁଥିବା ୩୦ରୁ ଅଧିକ ଯୁବତୀଯୁବକ ବେକାର ହୋଇଯାଇଛନ୍ତି। ଉପରୋକ୍ତ ସମସ୍ୟାଗୁଡ଼ିକୁ ନେଇ ପ୍ରତିବାଦରେ ଏହି ଧାରଣା ଦିଆଯାଇଥିଲା। ତେବେ ପୋଲିସର ବୁଝାଶୁଝା ଓ ୟୁନିଭରସିଟି କର୍ତ୍ତୃପକ୍ଷଙ୍କ ସହ ଏ ନେଇ ଆଲୋଚନା ବ୍ୟବସ୍ଥା କରିବା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ୟୁନିଭରସିଟିଠାରେ ସ୍ଥାନୀୟ ବେକାର ପିଲାଙ୍କୁ ଚାକିରି ଦାବିରେ ଧାରଣା ଦିଆଯାଇଛି ।

## ■ ବନ୍ୟା ସ୍ଥିତି ଅପରିବର୍ତ୍ତିତ

# ଜଳ ଘେରରେ ବିପନ୍ନ

**ଖୋର୍ଦ୍ଧା ଅଫିସ,୧୨।୯**

ଲଗାଣ ବର୍ଷା ସାଙ୍ଗକୁ ଦୟା ନଦୀର ଶାଖା ରାଜୁଆରେ ବନ୍ୟାଜଳ ଆସି ଖୋର୍ଦ୍ଧା ବ୍ଲକ ୨ଟି ପଞ୍ଚାୟତର ୧୪ ଗାଁରେ ବନ୍ୟା ପାଣି ପଶି ଯାଇଥିଲା। ଫଳରେ ଆଜକୁ ୪ ଦିନ ହେଲା ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଓରବରସିଂ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, ତେନ୍ତୁଳିମୂଳ, ରାୟପୁର, ବାଲିକୁଦା, ଲେଖନପୁର, କୃଷ୍ଣପୁର ଆଦି ୧୦ ଗାଁ ଓ ନରଣଗଡ ପଞ୍ଚାୟତର ଧବଳପୁର, ମାନପୁର, ଓରିମି ଓ ବଳପୁର ଆଦି ୪ ଗାଁରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ ରହିଛି। ବର୍ଷା କମିଥିଲେ ମଧ୍ୟ ବନ୍ୟାଜଳ ବଢୁନି କି କମୁନି। ରାଜୁଆ ନଦୀର ବନ୍ୟାଜଳ ଚିଲିକାକୁ ଯାଉ ନ ଥିବାରୁ ଖୋର୍ଦ୍ଧା ବ୍ଲକର ୧୪ ଟି ଗାଁର ପ୍ରାୟ ୩୦ ହଜାର ଲୋକ ଜଳବନ୍ଦୀ ହୋଇରହିଛନ୍ତି। ପାଣି ସ୍ଥିର ରହିଥିବାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଭିନ୍ନ ଗାଁ ଦାଣ୍ଡରେ ୨ରୁ ୪ ଫୁଟର ବନ୍ୟାଜଳ ଜମି ରହିଛି।



ଧବଳପୁର ଗାଁ ଦାଣ୍ଡରେ ଆଣ୍ଠୁଏ ପାଣିରେ ଲୋକେ ଯାତାୟାତ କରୁଛନ୍ତି ।

### ଏପଟେ ସାପ ଭୟ, ସେପଟେ ବିଗୁଡୁଛି ସ୍ୱାସ୍ଥ୍ୟ

ବନ୍ୟା ଜଳ ଘର ଭିତରେ ଓ ରାସ୍ତାରେ ଜମି ରହିଥିବାରୁ ସାପ ଭୟ ଲାଗି ରହିଛି। ସେପଟେ ବାରମ୍ବାର ପାଣିରେ ଯିବା ଆସିବା କରିବା ଦ୍ୱାରା ଥଣ୍ଡା, ଜ୍ୱର ଓ କାଶ ରୋଗ ଦେଖା ଦେଲାଣି। ପୁଣି ବନ୍ୟା ଅଞ୍ଚଳ ପାନୀୟ ଜଳ ରୋଗ ସୃଷ୍ଟି ପାଇଁ ଆମନ୍ତ୍ରଣ କରୁଛି। ଘରେ ଚୁଲି ଜଳୁନି। ଘର ଛାଡି ଲୋକେ କାମଧନ୍ଦାକୁ ଯାଇ ପାରୁନାହାନ୍ତି। ରିଲିଫ୍ ଯୋଗାଣ ସମୁଦ୍ରକୁ ଶଙ୍ଖେ। ପ୍ରଶାସନ ବିପନ୍ନଙ୍କ ସମସ୍ୟା ବୁଝିବାରେ ସମର୍ଥ ହୋଇପାରୁନାହିଁ।

### ବନ୍ୟା ମେରୁଦଣ୍ଡ ଭାଙ୍ଗି ଦେଉଛି

ଖୋର୍ଦ୍ଧା ଦେଇ ରାଜୁଆ, ଦୟା ଓ ମଲାଗୁଣୀ ନଦୀ ପ୍ରବାହିତ। ତେବେ ଆମ ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ପ୍ରତିବର୍ଷ ଖରିଫ ଋତୁରେ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଧାନ ଫସଲ ନଷ୍ଟ ହୋଇଯାଉଛି। ଚଳିତ ଖରିଫ ଋତୁରେ ୨ଟି ବନ୍ୟା ହୋଇ ସାରିଲାଣି। ଅଗଷ୍ଟ ବନ୍ୟାରେ କ୍ଷତିପୂରଣ ମିଳିନି। ଏପରିକି ସର୍ଭେ ମଧ୍ୟ ହୋଇନି। ଚାଷୀ ମେରୁଦଣ୍ଡ ସିଧା କରୁଥିବାବେଳେ ପୁଣି ଆଉ ଏକ ବନ୍ୟା ଲାଗି ରହିଛି। ବନ୍ୟାରେ ୪ ଦିନ ହେଲାଣି ଧାନ ଜମି ବୁଡି ରହିଛି।

### ଭିନ୍ନ କହୁଛି ସରକାରୀ ତଥ୍ୟ

ବନ୍ୟାରେ ଓରବରସିଂହ ଓ ନରଣଗଡ ଆଦି ଦୁଇ ପଞ୍ଚାୟତର ଓରବରସିଂ, ନରଣଗଡ, ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରିମି, ମାନପୁର, ଓରବରସିଂ, ମଶାଣିଆ, ଲେଖନପୁର, ରାଇପୁର, କୃଷ୍ଣପୁର ଓ ଧବଳପୁର ଆଦି ୧୧ଟି ଗାଁର ୩୫୫୦ ଲୋକ ଓ ୧୬୯୫ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ବନ୍ୟା ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ୩ଟି ଦଳ ଓ ପ୍ରାଣୀ ଚିକିତ୍ସା ବିଭାଗର ଗୋଟିଏ ଦଳ କାର୍ଯ୍ୟ କରୁଛନ୍ତି। ୩ରିଲିଫ୍ ସେଣ୍ଟରରେ ୨୫୦୦ ଲୋକ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି,
ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ପୁଅ କଟୁରି ଚୋଟରେ ମା' ଗୁରୁତର: ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୧୨।୯(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅନ୍ତର୍ଗତ ପଟଣପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅର କଟୁରି ଚୋଟରେ ମା' ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୬୨/୧୯)ରୁଜୁ କରିବା ସହ ଅଭିଯୁକ୍ତ ବୈକୁଣ୍ଠ ବେହେରାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ପଟଣପୁର ଗ୍ରାମର ବୈକୁଣ୍ଠ ଶ୍ୱଶୁର ଘରକୁ ଯିବାପାଇଁ ତାଙ୍କ ମା'ଙ୍କୁ ଟଙ୍କା ମାଗିଥିଲେ। ମା' ତାଙ୍କୁ ୫୦୦ଟଙ୍କା ଦେଇଥିଲେ। ଏହା ପରେ କୌଣସି କାରଣକୁ ନେଇ ବୈକୁଣ୍ଠ ମା'ଙ୍କୁ ଗାଳିଗୁଲଜ କରିବା ସହ ଏକ କଟୁରିରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏହାପରେ ତାଙ୍କ ମା' ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଥାନା ଏସ୍‌ଆଇ ଉପେନ୍ଦ୍ର ନାଥ ଦାସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବୈକୁଣ୍ଠଙ୍କୁ ଗିରଫ କରିଥିଲେ।

### ଏନ୍‌ଜିଟିରେ ପୁରୀ ସହର ପ୍ରଦୂଷଣ ମାମଲା
### ଆଜି ଉତ୍ତର ରଖିବେ ପ୍ରଶାସନିକ ଅଧିକାରୀ

ପୁରୀ ଅଫିସ, ୧୨।୯: ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଚାଲିଥିବା ପୁରୀ ସହର ପ୍ରଦୂଷଣ ମାମଲାରେ ଶୁକ୍ରବାର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ହାଜର ହୋଇ ଉତ୍ତର ରଖିବାକୁ କୁହାଯାଇଛି। ସୁବାସ ଦତ୍ତ ନାମକ ଜଣେ ବ୍ୟକ୍ତି ପୁରୀ ସହରରେ ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଉଥିବା ନେଇ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ଠିକ୍ ଭାବେ ସଂରକ୍ଷଣ କରାଯାଉନାହିଁ। ଏଠାରେ ଦିନକୁ ଦିନ ଜବରଦଖଲ ବୃଦ୍ଧି ପାଉଥିବାବେଳେ ପ୍ରଦୂଷଣ ବଢିବାରେ ଲାଗିଛି। ସେହିପରି ପୁରୀ ବେଳାଭୂମିକୁ ଜବରଦଖଲ କରାଯାଉଥିବାରୁ ସମୁଦ୍ରରେ ଜୈବ ବିବିଧତା ନଷ୍ଟ ହେଉଛି। ଏହାଦ୍ୱାରା ସାମୁଦ୍ରିକ ଜଳଜୀବ ପ୍ରଭାବିତ ହେଉଛନ୍ତି। ସହରରୁ ପ୍ରତ୍ୟହ ବାହାରୁଥିବା ଟନ୍ ଟନ୍ କଠିନ ବର୍ଜ୍ୟବସ୍ତୁ ଠିକ୍ ଭାବେ ପରିଚାଳନା କରାଯାଉନାହିଁ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ସେମିତି କୌଣସି ବ୍ୟବସ୍ଥା ନାହିଁ। ଶ୍ରୀମନ୍ଦିର ରୋଷଶାଳାରୁ ନିର୍ଗତ ଧୂଆଁ ଯୋଗୁ ବାୟୁ ପ୍ରଦୂଷଣ ହେଉଛି। ସେହିପରି ଡ୍ରେନେଜ, ସ୍ୱେରେଜ, ନଦୀ ନାଳ ପାଣି ମଧ ପ୍ରଦୂଷିତ ହେବାରେ ଲାଗିଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯାଉନାହିଁ ବୋଲି ଦତ୍ତ ଅଭିଯୋଗ କରିଥିଲେ। ଏହି ମାମଲାରେ ପୁରୀ ଜିଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଶୁକ୍ରବାର ହାଜର ହୋଇ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ବେଆଇନ କରତ କଳରେ ଚଢ଼ାଉ, ଯନ୍ତ୍ରାଂଶ ଜବତ

ବ୍ରହ୍ମଗିରି,୧୨।୯(ଡି.ଏନ.ଏ.): ବ୍ରହ୍ମଗିରି ଅଞ୍ଚଳରେ ଦିନକୁ ଦିନ ବେଆଇନ କରଳ କଳଗୁଡିକ ବଢ଼ି ଚାଲିଛି। ଏଗୁଡିକୁ ଜବତ କରିବା ପାଇଁ ବନ ବିଭାଗ ବହୁ ଚେଷ୍ଟା କରୁଥିଲେ ମଧ ବିରୋଧ ହେଉଥିବାରୁ ସଫଳ ହୋଇପାରୁ ନ ଥିଲା। କିନ୍ତୁ ଗୁରୁବାର ବନ ବିଭାଗ, ଭିଜିଲାନ୍ସ ଏବଂ ପୋଲିସ ଫୋର୍ସର ମିଳିତ ସହଯୋଗରେ ଏକ କଲତ କଳ ଉପରେ ଚଢ଼ାଉ କରିଛି। ଏହି ଚଢ଼ାଉରେ କେତେକ ଯନ୍ତ୍ରାଂଶ ଓ ଦୁଇ ଖଣ୍ଡ କାଠ ଗଣ୍ଡି ଜବତ କରିଛି। ସୂଚନାଯୋଗ୍ୟ, ବ୍ରହ୍ମଗିରି ରେଞ୍ଜ ଅଧୀନର କାଠୁଆ ଆରେଡି ଛକ ନିକଟରେ ଥିବା ଗଙ୍ଗାଧର ଜେନାଙ୍କ ଦୀର୍ଘଦିନ ହେବ ଏକ ବେଆଇନ କରଳ କଳ ରହିଛି। ଏହା ଉପରେ ପ୍ରଶାସନ ୨୦୧୮ ମସିହାରେ ଚଢାଉ କରିଥିଲା। କିନ୍ତୁ କଳ ମାଲିକ ଓ କେତେକ କର୍ମଚାରୀମାନେ ଦୃଢ଼ ବିରୋଧ କରିବାରୁ ନିରୁପାୟ ହୋଇ ସେଠାରୁ ଫେରିଯାଇଥିଲେ। ତେବେ ଗୁରୁବାର ବିଭାଗ ସହ ଭୁବନେଶ୍ୱର ଭିଜିଲାନ୍ସ, ପୁରୀ ଭିଜିଲାନ୍ସ ଓ ପୁରୀ ବନ ବିଭାଗର ପୂରା ଟିମ ସହ ପ୍ରସ୍ତୁତ ହୋଇ ପୁନର୍ବାର ଏହି କରତ କଳ ଉପରେ ସକାଳୁ ଚଢାଉ କରିଥିଲା। ଆଜି ମଧ ଚଢାଉ ବେଳେ ବିରୋଧ ହୋଇଥିବାବେଳେ ବିଭାଗ କର୍ମଚାରୀ ଓ ପୋଲିସ ଫୋର୍ସ ଟିମ ଅଧିକ ଥିବାରୁ ଜବତ କରିବାରେ ସହଜ ହୋଇଥିଲା। ପରେ ଖଡିପଦା ଛକ ନିକଟରେ ଥିବା ଦିଲୀପ ଭୋଇଙ୍କ କରତ କଳଉପରେ ଚଢ଼ାଉ କରାଯାଇଥିଲା।

# ଗାଁରେ ପଶିଛି ଭାର୍ଗବୀ ପାଣି

■ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ ■ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ


ପାଣିଘେରରେ ଗୋପୀନାଥପୁର ନୂଆସାହି।

ପୁରୀ ଅଫିସ,୧୨।୯

ମହାନଦୀରେ ବନ୍ୟା ଆସିବା ପରେ ପୁରୀ ଜିଲାର ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଭାର୍ଗବୀ ନଦୀର ଉଚ୍ଛୁଳା ପାଣି ବିଭିନ୍ନ ତଳିଆ ଅଞ୍ଚଳରେ ମାଡ଼ିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ପୁରୀ ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତର ବିଭିନ୍ନ ଗାଁରେ ପାଣି ପଶିଛି। କେତେକ ରାସ୍ତାରେ ପାଣି ଚାଲୁଥିବାବେଳେ ଲୋକଙ୍କ ଘରେ ବି ପାଣି ପ୍ରବେଶ କରିଛି। ଗୁରୁବାର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଟ୍ରାକ୍ଟର ଯୋଗେ ଗାଁଗୁଡ଼ିକ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଗୋପୀନାଥପୁର ସରପଞ୍ଚ ରାଜକିଶୋର ରାଉତ କହିଛନ୍ତି, ଭାର୍ଗବୀ ନଦୀର ବନ୍ୟାଜଳ ମଙ୍ଗରାଜପୁର ବନ୍ଧ ଦେଇ ଭାରତୀପୁର ମୌଜାରେ ପ୍ରବେଶ କରୁଛି। ଗୋପୀନାଥପୁର ତଳ ନୂଆସାହି, ମୁକୁନ୍ଦମିଶ୍ର ନଗର, ଗୋପୀନାଥପୁର ନୂଆସାହି, ଖଣ୍ଡିଆ ବନ୍ଧର ତଳି ଅଞ୍ଚଳରେ ଏହି ପାଣି ମାଡ଼ିଛି । ବହୁ ରାସ୍ତାରେ ପାଣି ଚାଲୁଥିବା ବେଳେ ଅନେକ ଲୋକଙ୍କ ଘରେ ପାଣି ପଶିଛି। ୪/୫ଦିନ ହେଲା ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। କେତେଜଣ ବାହାରେ ଘର ଭଡ଼ା ନେଇ ରହୁଛନ୍ତି। କଚ୍ଚାରାସ୍ତା ଧୋଇଯାଇଥିବାରୁ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ୩/୪ ବର୍ଷ ପୂର୍ବରୁ ଭାର୍ଗବୀ ନଦୀରେ ବନ୍ୟା ଆସିଲେ ଏତେ ସମସ୍ୟା ହେଉ ନ ଥିଲା। କାରଣ ଏହି ପାଣି ମଙ୍ଗଳା ନଦୀକୁ ଚାଲିଯାଉଥିଲା। କିନ୍ତୁ ବାଇପାସ୍ ରାସ୍ତା ଓ ମଧୁର ଜଳ ସଂରକ୍ଷଣ ଲାଗି ଜଳଭଣ୍ଡାର ତିଆରି ଯୋଗୁ ମଙ୍ଗଳା ନଦୀକୁ ପାଣି ନିଷ୍କାସନ ହୋଇପାରୁନାହିଁ। ଏ ନେଇ ବାରମ୍ବାର ଡ୍ରେନେଜ ଓ ଜଳସେଚନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଡବରାବନ୍ଧ ପଶ୍ଚିମ ପାର୍ଶ୍ୱ ଖଣ୍ଡିଆବନ୍ଧ ରୋଡରେ କଲଭର୍ଟ ନିର୍ମାଣ ପାଇଁ ଦାବି ହେଉଛି। ମାତ୍ର କେହି କିଛି ଶୁଣୁନାହାନ୍ତି ବୋଲି ରାଉତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ସନ୍ଧ୍ୟାରେ ବିଧାୟକ ଷଡ଼ଙ୍ଗୀ ଗୋପୀନାଥପୁର ପଞ୍ଚାୟତର ମୁକୁନ୍ଦ ମିଶ୍ର ନଗର, ଗୋପୀନାଥପୁର ତଳ ନୂଆସାହି ଏବଂ ଗୋପୀନାଥପୁର ନୂଆସାହି ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଳ ନିଷ୍କାସନ ଲାଗି ସ୍ଥାୟୀ ପଦକ୍ଷେପ ନେବାକୁ ଲୋକେ ତାଙ୍କୁ ଦାବି ଜଣାଇଛନ୍ତି।


କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ସପରିବାର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ଝାଞ୍ଜପିଟା ମଠ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ପୁରୀ ଅଫିସ,୧୨।୯

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଗୁରୁବାର ପୁରୀର ଝାଞ୍ଜପିଟା ମଠ ପରିଦର୍ଶନ କରିଛନ୍ତି। ଅପରାହ୍ନରେ ଶେଖାୱତ ମଠରେ ପହଞ୍ଚି ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କୁ ୩୭୦ ଧାରା ଉଚ୍ଛେଦ ସମ୍ପର୍କରେ ଜଣାଇଥିଲେ। କେନ୍ଦ୍ର ସରକାର ଏହି ଉଚ୍ଛେଦ ନିଷ୍ପତ୍ତି ନେଲେ କାହିଁକି, ନେବା ପରେ ଭାରତର କ'ଣ ଲାଭ ହୋଇଛି ଏହାର ଯଥାର୍ଥତା ଆଦି ବିଷୟରେ ମହନ୍ତଙ୍କୁ ଅବଗତ କରାଇଥିଲେ। ଏହା ଉପରେ ମହନ୍ତଙ୍କ ମତ କ'ଣ ରହିଛି ତାହା ମଧ ଜାଣିଥିଲେ। ପରେ ମହନ୍ତଙ୍କୁ ମୋଦି ସରକାର କ'ଣ କରିଛନ୍ତି ଏବଂ ଆଗକୁ କ'ଣ ସବୁ ଯୋଜନା ରହିଛି ସେ ସଂକ୍ରାନ୍ତ ପୁସ୍ତିକା ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ କହିଥିଲେ, କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ନିଷ୍ପତ୍ତି ବଡ଼ ନିର୍ଣ୍ଣୟ ଥିଲା। ଏହାର ପ୍ରଭାବ ସମ୍ପର୍କରେ ଠିକ୍ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ମୋଦି ସରକାର ସମ୍ପର୍କ ମହାଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଦେଶର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା ମାଧମରେ ପ୍ରକୃତ ବାର୍ତ୍ତା ପଠାଇବାକୁ ଦଳୀୟ ନିଷ୍ପତ୍ତି ହୋଇଛି। ସେହିପରି ମହନ୍ତ ବାବା ସଚ୍ଚିଦାନନ୍ଦ କହିଥିଲେ, ଏହି ଦିନଟି ମଠ ଏବଂ ଅନ୍ତେବାସୀଙ୍କ ପାଇଁ ଆନନ୍ଦର ଦିନ। ଦୀର୍ଘବର୍ଷ ପରେ କଶ୍ମୀରରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବାର ଆଶା ସଞ୍ଚାର ହୋଇଛି ବୋଲି ସେ ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ମଧୁସୂଦନ ସିଂହାରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ବିସ୍ଥାପିତଙ୍କୁ ଥଇଥାନ ନେଇ ଚିନ୍ତା

# ଜାଗା ଦେଖିଲେ ପ୍ରଶାସନିକ ଅଧିକାରୀ

■ଅଧିକାଂଶ ସରକାରୀ ଜମି ଜବରଦଖଲ
■ତିଆରି ହେବ ଆପାର୍ଟମେଣ୍ଟ
■ଓବିସିସିକୁ ଦିଆଯାଇପାରେ ନିର୍ମାଣ ଦାୟିତ୍ୱ

ପୁରୀ ଅଫିସ, ୧୨।୯

ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ପ୍ରକ୍ରିୟା ମଧ ଆରମ୍ଭ ହୋଇଯାଇଛି। ଭକ୍ତ, ପର୍ଯ୍ୟଟକ, ତୀର୍ଥଯାତ୍ରୀଙ୍କ ପାଇଁ ସବୁ ପ୍ରକାର ସୁବିଧା କରାଯିବ। ପୁଣି ଶ୍ରୀମନ୍ଦିରର ସୁରକ୍ଷା ନିମନ୍ତେ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧରେ ଜାଗା ଖାଲି ହେବ। ଏଥିଲାଗି କ୍ଷତିଗ୍ରସ୍ତ ମଠ, ଘର, ଦୋକାନ ଲାଗି ବି ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ହୋଇଛି। ତେବେ ସୁରକ୍ଷିତ ଜୋନ ମଧରେ ଥିବା କ୍ଷତିଗ୍ରସ୍ତଙ୍କୁ କେଉଁଠି ଥଇଥାନ କରାଯିବ ସେ ନେଇ ଜାଗା ଖୋଜିବା ଆରମ୍ଭ କରିଛି ପ୍ରଶାସନ। ଗୁରୁବାର ପ୍ରଶାସନିକ ଅଧିକାରୀମାନେ ସହର ଭିତରେ ଏବଂ ଉପକଣ୍ଠରେ ବୁଲିଛନ୍ତି। ତେବେ ସେମାନେ ଅଧିକାଂଶ ସରକାରୀ ଜାଗା ଜବରଦଖଲରେ ଥିବା ଜାଣିବାକୁ ପାଇଛନ୍ତି। ଏମିତି କି କେତେକ ସରକାରୀ ଜାଗାରେ ଅଳ୍ପଦିନ ପୂର୍ବରୁ ପାଚେରି ତିଆରି ହୋଇଛି। ଅଧିକାଂଶ ସରକାରୀ ଜମିରେ ଲୋକେ ଘର ତିଆରି କରିଛନ୍ତି। ତେବେ ହରଚଣ୍ଡୀ ସାହି ଓ ମଙ୍ଗଳାଘାଟରେ ଦୁଇଟି ଜାଗା ଆପାତତଃ ସ୍ଥିର କରାଯାଇଛି। ଏଠାରେ ବିସ୍ଥାପିତଙ୍କ ଲାଗି ଆପାର୍ଟମେଣ୍ଟ ତିଆରି ହୋଇପାରେ। ଏହି ଆପାର୍ଟମେଣ୍ଟ ୪ ମହଲା ବିଶିଷ୍ଟ ହେବ। ତଳେ କେବଳ ପିଲର ରହିବ। ଆପାର୍ଟମେଣ୍ଟ ନିର୍ମାଣ ଦାୟିତ୍ୱ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍‌ଶନ କର୍ପୋରେଶନ (ଓବିସିସି)କୁ ଦିଆଯାଇପାରେ ବୋଲି ଶୁଣିବାକୁ ମିଳୁଛି। ସେହିପରି ପ୍ଲଟିଂ ପାଇଁ ମାଟିତୋଟା ଅଞ୍ଚଳରେ ଜମି ଦେଖାଯାଇଛି। କିନ୍ତୁ ଏ ନେଇ କୌଣସି ଚୂଡ଼ାନ୍ତ ହୋଇ ନ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରାଥମିକ ଆକଳନ ଅନୁଯାୟୀ, ୭୫ ମିଟର ମଧରେ ପ୍ରାୟ ୧୭୦ ପରିବାର ବିସ୍ଥାପିତ ହେବେ। ସେହିପରି ଶତାଧିକ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସାଙ୍ଗକୁ ପାଖାପାଖି ୧୮ଟି ମଠ ଭଙ୍ଗାଯିବ। ତେଣୁ ବିସ୍ଥାପିତଙ୍କୁ ଥଇଥାନ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି। ବିସ୍ଥାପିତଙ୍କୁ କେଉଁଠି ଜମି ଦିଆଯିବ, କେଉଁ ସ୍ଥାନରେ ଘର କରାଯିବ ସେଥିପାଇଁ ଜମି ସନ୍ଧାନରେ ପ୍ରଶାସନିକ ଅଧିକାରୀମାନେ ଲାଗି ପଡ଼ିଛନ୍ତି ।

### ଡକାୟତି ଉଦ୍ୟମ, ୪ ଗିରଫ

ବଲଙ୍ଗା,୧୨।୯(ଡି.ଏନ.ଏ)

ବଲଙ୍ଗା ଥାନା ଅନ୍ତର୍ଗତ ଭାଣପୁର ପଞ୍ଚାୟତ ଅଧୀନସ୍ଥ ଶାଳଜଙ୍ଗ ପ୍ରଧାନସାହି ମଶାଣି ନିକଟରେ ବୁଧବାର ବିଳମ୍ବିତ ରାତିରେ ୪ଜଣ ଯୁବକ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି। ତେବେ ଗୁରୁବାର ୪ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସେମାନଙ୍କ ନିକଟରୁ ଖଣ୍ଡା ଓ ବମ୍ ଆଦି ମାରଣାସ୍ତ୍ର ଜବତ କରିଛି। ଗିରଫ ଯୁବକମାନେ ବାସେଳିସାହି ଥାନା ଅନ୍ତର୍ଗତ ଗୋଖାସାହିର ଜୁଝେଇ ବେହେରା, ପୁରୀ ସଦର ଥାନା ଅନ୍ତର୍ଗତ ବାଟଗାଁର ଗଙ୍ଗାଧର ମହାପାତ୍ର ଓ ମେରାଇନ୍ ଥାନା ଅନ୍ତର୍ଗତ ସମଗରାର କୁଞ୍ଜ ପ୍ରଧାନ ଏବଂ ଗୌରାଙ୍ଗ ପ୍ରଧାନ। ଯୁବକମାନେ କୌଣସି ବଡ ଡକାୟତି ନେଇ ମଶାଣି ନିକଟରେ ଯୋଜନା କରୁଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଗ୍ୟାଙ୍ଗ ହୋଇ ବସିଥିବାବେଳେ ସନ୍ଦେହ କରି ଧରିବା ପରେ ପଚରାଉଚୁରା ବେଳେ ସମସ୍ତେ ସତକଥା ମାନିଥିଲେ। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ନିମାପଡ଼ା ଉପ କାରାଗାରକୁ ପଠାଇ ଦିଆଯାଇଛି।

### ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୨।୯

ଡେଲାଙ୍ଗ ବ୍ଲକ ଅଧୀନ ଗୁଆଳିପଡ଼ା, ବେରବୋଇ, ରେଞ୍ଚ, ଶ୍ରୀପୁରୁଷୋତ୍ତମପୁର, ଜେନାପୁର, ଧାନକେରା, ଅଭୟମୁଖୀ ଆଦି ପଞ୍ଚାୟତର ଏକାଧିକ ଗ୍ରାମରେ ଚାଷଜମି ପାଣିରେ ବୁଡ଼ି ରହିଛି। ଫଳରେ ଫସଲହାନି ଘଟୁଛି। ଏଥିଲାଗି ଚାଷୀମାନେ ଜଳସେଚନ ଏବଂ ଡ୍ରେନେଜ ବିଭାଗର ତ୍ରୁଟିପୂର୍ଣ୍ଣ ନୀତିକୁ ଦାୟୀ କରିଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଏହି ପଞ୍ଚାୟତର ଶତାଧିକ ଚାଷୀ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

# ବିଭିନ୍ନ ଦାବି ନେଇ ସିଟୁର ଆନ୍ଦୋଳନ

ରେଳଷ୍ଟେଶନରେ ଆନ୍ଦୋଳନକାରୀ- ପୋଲିସ ମୁହାଁମୁହିଁ


ସିଟୁ ପକ୍ଷରୁ ରେଲ୍‌ୱେ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୁରୀ ଅଫିସ, ୧୨।୯

ବେଡ୍‌ରୋଲ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ଅନ୍ୟାନ୍ୟ ଦାବି ନେଇ ସିଟୁ ପକ୍ଷରୁ ଗୁରୁବାର ପୁରୀ ରେଳଷ୍ଟେଶନରେ ରେଳ ରୋକୋ ଡାକରା ଦିଆଯାଇଥିଲା। ଗୁରୁବାର ପୂର୍ବାହ୍ନରେ ସିଟୁର ଶତାଧିକ କର୍ମୀ ଆନ୍ଦୋଳନ ଲାଗି ପ୍ଲାଟଫର୍ମକୁ ଯାଉଥିବାବେଳେ ରେଳଷ୍ଟେଶନ ପରିସରରେ ଆର୍‌ପିଏଫ୍ ଏବଂ ସ୍ଥାନୀୟ ପୋଲିସ ସେମାନଙ୍କୁ ଅଟକାଇଥିଲେ। ଏ ନେଇ ସେଠାରେ ଆନ୍ଦୋଳନକାରୀ ଏବଂ ପୋଲିସ ମୁହାଁମୁହିଁ ହୋଇଥିଲେ। ଫଳରେ କିଛି ସମୟ ଲାଗି ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଆନ୍ଦୋଳନକାରୀମାନେ ଷ୍ଟେଶନ ପରିସରରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିଟୁର ପୁରୀ ଜିଲା ସଭାପତି ଆଇନଜୀବୀ ଶ୍ରୀକାନ୍ତ ପରିଜା, ରାଜ୍ୟ ଉପସଭାପତି ନବକିଶୋର ମହାନ୍ତି, ସମ୍ପାଦକ ଏମ୍.ଲକ୍ଷ୍ମଣ ରାଓ, ଶ୍ରମିକ ନେତା ସନ୍ତୋଷ ସାହୁ,ଏ. ବିଶ୍ୱନାଥ ରେଡ୍ଡୀ, ବସନ୍ତ ରାଉତ, ଷ୍ଟାଲିନ୍ ପାଇକରାୟ ପ୍ରମୁଖ ସିଡିଓଙ୍କ ସହ ଆଲୋଚନା କରିଥିଲେ। ସେମାନେ ସର୍ବନିମ୍ନ ମଜୁରି, ଇପିଏଫ୍, ଇଏସ୍‌ଆଇ ସୁବିଧା, ବକେୟା ଦରମା ପ୍ରଦାନ ଲାଗି ଦାବି କରିଥିଲେ। ୬୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରାଯାଇଥିବାରୁ ସେମାନେ ହଇରାଣ ହୋଇ ଚାଲୁଛନ୍ତି। ରେଲୱେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଆନ୍ଦୋଳନକାରୀ କହିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ।

■ ଆଇଏସ୍ଏସ୍ଏଚ୍ ଓ ଆଇଏସ୍ଏଚ୍‌ଟିର ବାର୍ଷିକ ସମ୍ମିଳନୀ

# ଆଜି ଉଦ୍‌ଘାଟନ କରିବେ ରାଜ୍ୟପାଳ


ଖବରଦାତା ସମ୍ମିଳନୀରେ ଓଡ଼ିଶା ଅର୍ଥୋପେଡିକ୍ ଓ ପ୍ଲାଷ୍ଟିକ୍ ସର୍ଜରୀ ଆସୋସିଏଶନର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ପୁରୀ ଅଫିସ,୧୨।୯

ଇଣ୍ଡିଆନ ସୋସାଇଟି ଫର୍ ସର୍ଜରୀ ଅଫ୍ ଦି ହ୍ୟାଣ୍ଡ (ଆଇଏସ୍ଏସ୍ଏଚ୍)ର ୪୩ତମ ଏବଂ ଇଣ୍ଡିଆନ ସୋସାଇଟି ଅଫ୍ ହ୍ୟାଣ୍ଡ ଥେରାପିଷ୍ଟ (ଆଇଏସ୍ଏଚ୍‌ଟି)ର ୭ମ ବାର୍ଷିକ ସମ୍ମିଳନୀ ପୁରୀରେ ଅନୁଷ୍ଠିତ ହେବ। ହୋଟେଲ ହଲିଡେ ରିସର୍ଟରେ ହେବାକୁ ଥିବା ଏହି ୪ ଦିନିଆ ସମ୍ମିଳନୀକୁ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବେ। ଏହାକୁ ଓଡ଼ିଶା ଅର୍ଥୋପେଡିକ ଆସୋସିଏଶନ ଏବଂ ଓଡ଼ିଶା ପ୍ଲାଷ୍ଟିକ ସର୍ଜରୀ ଆସୋସିଏଶନ ମିଳିତ ଭାବେ ଆୟୋଜନ କରୁଛନ୍ତି। ଏ ନେଇ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡ. ସୁବ୍ରତ ଜେନା କହିଛନ୍ତି, ଓଡ଼ିଶାରେ ପ୍ରଥମଥର ଏହି ସମ୍ମିଳନୀ ଆୟୋଜନ କରାଯାଉଛି। ଗୁରୁବାର ଏହାର ଭିଡିଓ କର୍ମଶାଳାରେ ୬୦ଟି ବିରଳ ଚିକିତ୍ସା ପଦ୍ଧତି ଭିଡିଓ ମାଧମରେ ପ୍ରଦର୍ଶିତ ହୋଇଛି। ୧୩ରୁ ୧୫ତାରିଖ ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ବକ୍ତୃତାମାଳା ଆୟୋଜନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଏହି ସମ୍ମିଳନୀକୁ ରାଜ୍ୟପାଳ ଉଦ୍‌ଘାଟନ କରିବେ। ଡ. ଅରୁଣ ଚୌଧୁରୀ କହିଥିଲେ, ଏଥର ଶ୍ରୀଜଗନ୍ନାଥ ଧାମରେ ଏହା ଆୟୋଜନ କରାଯାଇଛି। ଏଥିରେ ବିଶ୍ୱର ସୁନାମଧନ୍ୟ ହ୍ୟାଣ୍ଡ ସର୍ଜନ ଆମେରିକାର ଡ. ଚୈତନ୍ୟ ମୁଦ୍‌ଗଲ ଏବଂ ଡ. ସ୍କଟ୍ ଓଇସି, ଅଷ୍ଟ୍ରେଲିଆର ଉଲ୍‌ଫଗ୍ୟାଙ୍ଗ ହୁବେର, ଜାପାନର ଡ. ହିଡେହିକୋ କୱାବାଟା, ୟୁକେର ଡ. ଅମିତ ଟୋଲାଟ ଓ ଡ. ଉମିର କସୁଟି ଯୋଗଦେବେ। ସେମାନେ ଉନ୍ନତମାନର ଚିକିତ୍ସା ବିଷୟରେ ଶିଖାଇବେ। ଏହି ଖବରଦାତା ସମ୍ମିଳନୀରେ ଡ. ମୁକୁନ୍ଦ ଥାଟେ, ଡ. ବିଶ୍ୱଜିତ ମିଶ୍ର, ପ୍ରଫେସର ବିଶ୍ୱଜିତ ସାହୁ, ଡ. ସନ୍ତୋଷ ରଥ, ଡ. ଦେବବ୍ରତ ପାଢୀ, ଡ. ଜୟନ୍ତ ଦାଶ, ଡ. ସଞ୍ଜୟ କୁମାର ଗିରି, ଡ. ପଙ୍କଜ ଆହିଲେ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭକ୍ତିଅର୍ଘ୍ୟ' ଲୋକାର୍ପିତ

ପୁରୀ ଅଫିସ, ୧୨।୯

ପୂର୍ଣ୍ଣଦାସ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ହଲିଡେ ରିସର୍ଟ ସମ୍ମିଳନୀ କକ୍ଷରେ ଗୁରୁବାର ଶ୍ରୀଜଗନ୍ନାଥ ସଂସ୍କୃତିଭିତ୍ତିକ ପତ୍ରିକା 'ଭକ୍ତିଅର୍ଘ୍ୟ' ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ଅସିତ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ନେବଳଦାସ ମଠର ମଠାଧୀଶ ଡ. ରାମଚରଣ ଦାସ ଯୋଗଦେଇ କହିଥିଲେ, ଓଡ଼ିଶାର ପରିଚୟ ଶ୍ରୀଜଗନ୍ନାଥ। ଭକ୍ତି ଓ ସେବା ସମର୍ପଣ ଭାବ ରହିଲେ, ମହାପ୍ରଭୁଙ୍କ ସାନିଧ୍ୟ ପ୍ରାପ୍ତ ହୋଇପାରିବ। ଏହି ଅବସରରେ ବଡଓଡ଼ିଆ ମଠ ମହନ୍ତ ବଂଶୀଧର ଦାସ ଗୋସ୍ୱାମୀଙ୍କୁ 'ଭକ୍ତିଅର୍ଘ୍ୟ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଭାସ୍କର ମିଶ୍ର ସ୍ୱାଗତ ଭାଷଣ, ପୁରୁଷୋତ୍ତମ ନନ୍ଦ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ନେବଳ ଦାସ ମଠ ମହନ୍ତ ରାମ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■କଳାପାଞ୍ଚଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଚିକା ନିଯୁକ୍ତି ନେଇ ଘନଉଛି ବିବାଦ

# ବିଦ୍ୟାଳୟ ଛାଡ଼ିଲେ ୧୩ ଛାତ୍ରୀଛାତ୍ର

ନିମାପଡ଼ା,୧୨।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅଞ୍ଚଳର କଳାପାଞ୍ଚଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ କିଛିଦିନ ହେବ ପାଚିକା ନିଯୁକ୍ତିକୁ ନେଇ ବିବାଦ ଦେଖାଯାଇଛି। ଫଳରେ କେତେଜଣ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ବର୍ଜନ କରିବା ସହ ୧୩ଜଣ ଟି.ସି. ନେଇଯାଇଥିବା ଜଣାପଡିଛି।



କଳାପାଞ୍ଚଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ସୂଚନାଥାଉକି, ପ୍ରାୟ ଏକ ସପ୍ତାହ ପୂର୍ବେ ଉକ୍ତ ବିଦ୍ୟାଳୟରେ ଜଣେ ଅନୁସୂଚିତ ଜାତିର ମହିଳା ମମତା କାଣ୍ଡି ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ମହିଳା ନଜମୁନ ବେଗମଙ୍କୁ ପାଚିକାଭାବେ ନିଯୁକ୍ତି ଦିଆଯାଇଛି। ଏମାନଙ୍କୁ ମିଶାଇ ବିଦ୍ୟାଳୟରେ ମୋଟ ୩ଜଣ ପାଚିକା ରହିଛନ୍ତି। ଜଣେ ସବର୍ଣ୍ଣ ଶ୍ରେଣୀର ପାଚିକାଙ୍କୁ ବାଦ ଦେଲେ ଅନ୍ୟ ଦୁଇଜଣ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବାରୁ ଗୁରୁବାର ହିନ୍ଦୁ ଓ ସବର୍ଣ୍ଣ ଶ୍ରେଣୀର ପ୍ରାୟ ୨୦ଜଣ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ବର୍ଜନ କରିଛନ୍ତି। ବିଦ୍ୟାଳୟରେ ସଂଖ୍ୟାଲଘୁ ଓ ଅନୁସୂଚିତ ଜାତିର ଲୋକେ ରୋଷେଇ କରୁଥିବାରୁ ଏହି ମଧ୍ୟାହ୍ନ ଭୋଜନ ନ ଖାଇବା ପାଇଁ ତାଙ୍କ ଅଭିଭାବକମାନେ ମନା କରିଥିବା କେତେଜଣ ଛାତ୍ରୀଛାତ୍ର କହିଛନ୍ତି। ଅନ୍ୟପକ୍ଷରେ ପାଚିକା ନିଯୁକ୍ତି ଓ ଜାତିଆଣଭାବକୁ କେନ୍ଦ୍ରକରି ୧୩ଜଣ ଛାତ୍ରୀଛାତ୍ର ଟି.ସି. ନେଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ରସେନ ଗୋଚ୍ଛାୟତ, ଅଭିଭାବକ ରମେଶ ନାୟକ, ମଙ୍ଗୁଳି ଗିଲି, କାଶୀନାଥ ଚଇନି ଓ ବିନୋଦିନୀ ତ୍ରିପାଠୀ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଗୋଚ୍ଛାୟତ କୁହନ୍ତି, ପାଚିକା ନିଯୁକ୍ତି ଓ ଜାତିଆଣଭାବକୁ ନେଇ ବିଦ୍ୟାଳୟରେ ଏବେ ସମସ୍ୟା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଛି। ଛାତ୍ରୀଛାତ୍ରଙ୍କ ଟି.ସି. ନ ନେବା ପାଇଁ ବହୁ ଅଭିଭାବକଙ୍କୁ ଅନୁରୋଧ କରିଥିଲେ ବୋଲି ସେ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଖାଜେ କାଲିବାବୁ କୁହନ୍ତି, ପାଚିକା ନିଯୁକ୍ତିକୁ କେନ୍ଦ୍ରକରି କେତେଜଣ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ବିଦ୍ୟାଳୟରେ ସବୁ ବର୍ଗର ପିଲା ପାଠ ପଢିବା ସହ କର୍ମଚାରୀ ରହିବେ। ସ୍କୁଲରେ ଜାତିଆଣ ବିଭେଦ ସୃଷ୍ଟି କରିବା ଠିକ୍ ନୁହେଁ। ଏ ନେଇ ସମସ୍ତ ଅଭିଭାବକଙ୍କୁ ଡକାଯାଇ ବୁଝାଶୁଝା କରିବା ସହ ବିବାଦର ସମାଧାନ କରିବାକୁ ଉଦ୍ୟମ କରାଯାଉଛି। ସରପଞ୍ଚ ଅଭିମନ୍ୟୁ ପଣ୍ଡା କୁହନ୍ତି, ପାଚିକା ନିଯୁକ୍ତିକୁ କେନ୍ଦ୍ରକରି ଏହି ବିବାଦ ଦେଖାଯାଇଛି। ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଡାକି ବୁଝାଶୁଝା କରୁଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ ବେହେରା କୁହନ୍ତି, ବିଦ୍ୟାଳୟ ଭେଦଭାବ ଶୂନ୍ୟ ଦଣ୍ଡମୁକ୍ତ ଅଞ୍ଚଳଭାବେ ପରିଗଣିତ। ଶିକ୍ଷାନୁଷ୍ଠାନରେ ଜାତିଆଣ ଭେଦଭାବ ରହିବା ଠିକ୍ ନୁହେଁ। ଏଭଳି ଭେଦଭାବକୁ ଶ୍ରୟ ଦିଆଯିବ ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଅଭିଭାବକ ଓ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଉଛି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କୁହନ୍ତି, ବିଦ୍ୟାଳୟ ଏକ ପବିତ୍ର ଶିକ୍ଷା ମନ୍ଦିର। ବିଦ୍ୟାଳୟଗୁଡିକରେ କୌଣସି ଧାର୍ମିକ ଭାବନା ରହିବା ଠିକ୍ ନୁହେଁ। ଏଥିରୁ କ୍ଷାନ୍ତ ରହିବା ସହ ଏହି ଘଟଣାର ସମାଧାନ ପାଇଁ ସମସ୍ତ ଅଭିଭାବକ ଓ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ବିଦ୍ୟାଳୟର ୬ଷ୍ଠ ଓ ୭ମ ଶ୍ରେଣୀରେ ୧୧୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୧୩ଜଣ ଟିସି ନେଇଯିବାରୁ ଆଉ ୯୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।